
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୯ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 29 JULY 2025
Vol.No. 36 ■ No.199 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଜମିକିଣାକୁ ନେଇ ଠକେଇର ଶିକାର ହେଲେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୨୮/୭ (ନି.ପ୍ର): ଜମିକିଣାକୁ ନେଇ ଠକେଇର ଶିକାର ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ବଣଶୀଙ୍ଗ ଅଂଚଳର ଜଣେ ବ୍ୟକ୍ତିଙ୍କୁ ଜମି ପାଇଁ ଅଗ୍ରୀମ ୨୫ ଲକ୍ଷ ଦେଇଥିଲେ ମାତ୍ର ଉକ୍ତ ବ୍ୟକ୍ତି କୌଣସି କାରଣରୁ ଜମି ଦେଇ ପାରିନଥିଲେ। ତେବେ ଟଙ୍କା ଫେରାଇବାକୁ କହିବାରୁ ବ୍ଲାଙ୍କ ଚେକ୍ ଦେଇଥିଲେ। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଅନ୍ୟପକ୍ଷରେ ଯୋଗାଣ ମନ୍ତ୍ରୀ ଠକେଇର ଶିକାର ହେବାକୁ ନେଇ ତେଜିଛି ରାଜନୀତି। ଘଟଣାକୁ ନେଇ ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଗଣମାଧ୍ୟମରେ ଏହା ପ୍ରକାଶିତ ହୋଇଛି। ଯାହାକି ଦର୍ଶାଉଛି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ନାରୀ ନିର୍ଯାତନା ବଢି ବଢି ଚାଲିଛି, ଅପରାଧ ବଢୁଛି ଆଉ ଏବେ ଯୋଗାଣ ମନ୍ତ୍ରୀ ଠକେଇର ଶିକାର।

### ସଂସଦରେ 'ଅପରେସନ୍ ସିନ୍ଦୂର' ତାତି :

# ଅପରେଶନ ସିନ୍ଦୂରକୁ ନେଇ ୩ ଶବ୍ଦରେ ବିରୋଧିଙ୍କୁ ଜବାବ ଦେଲେ ରାଜନାଥ

ନୂଆଦିଲ୍ଲୀ,୨୮/୭ : ପାକିସ୍ତାନକୁ ଧୋଇଲେ, ବିରୋଧୀଙ୍କୁ ବି ଶୁଣେଇଲେ । ଲୋକସଭାରେ ଅପରେସନ୍ ସିନ୍ଦୂର ବିତର୍କ ତାତି। ପାକିସ୍ତାନ ଛାତିରେ ଭାରତର ପରାକ୍ରମ ବଖାଣିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । କହିଲେ ଗୁଳି ଶବ୍ଦ ଭିତରେ ଆତଙ୍କୀ ଭାଷା କହୁଥିବା ପାକିସ୍ତାନ ସହ ଆଲୋଚନା ଅସମ୍ଭବ । ଏଥିସହ ଭାରତ-ପାକିସ୍ତାନ ଅସ୍ତ୍ରବିରତି ପଛରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତା ଦାବିକୁ ପରୋକ୍ଷରେ ରୋକଠୋକ୍ ଖଣ୍ଡନ କରିଛନ୍ତି ରାଜନାଥ । ସଂସଦରେ ଅପରେସନ୍ ସିନ୍ଦୂରର ଗୌରବ ଗାଥା । ରାଜନାଥ ବଖାଣିଲେ ଭାରତୀୟ ବୀରଙ୍କ ଶୌର୍ଯ୍ୟର କଥା । ଲୋକସଭାରେ ଅପରେସନ୍ ସିନ୍ଦୁର ସଂପର୍କିତ ମହାବିତର୍କରେ



ବିବୃତି ରଖି, ମେ ୭ରୁ ମେ ୧୦ ଭିତରେ ଭାରତ କିପରି ପାକିସ୍ତାନ ଭିତରେ ପଶି ଆତଙ୍କୀ ଓ ତାଙ୍କ ଆକ୍କାଙ୍କୁ ଧୂଳି ଚଟାଇ ଥିଲା, ସେନା କିପରି ଶତ୍ରୁର ନିଦ ହଜାଇ ଦେଇଥିଲା, ତାର ଆମୁଳଚୂଳ ବିବରଣୀ ଦେଶ ସମ୍ମୁଖରେ ରଖିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ। ରାମାୟଣରେ ହନୁମାନଙ୍କ ରଣନୀତି ଓ ସୁଦର୍ଶନ ଚକ୍ରରେ କୃଷ୍ଣଙ୍କ ଶିଶୁପାଳ ବଧ ପ୍ରସଙ୍ଗ ଉଠାଇ, ପାକିସ୍ତାନର ଧୃଷ୍ଟତା ଉପରେ ଆଲୋକପାତ କରିବା ସହ କହିଛନ୍ତି, ପହଲଗାମ ହମଲା ପରେ ମୁହଁତୋଡ ଜବାବ ଦେବା ଜରୁରୀ ଥିଲା। ▶▶ପୃଷ୍ଠା ୭

## ପର୍ଦ୍ଦା ପଛର ନେତା କିଏ ?



ଭୁବନେଶ୍ୱର, ୨୮/୭ (ନି.ପ୍ର): ନାବାଳିକା ଦୁଷ୍କର୍ମ ଅଭିଯୋଗ ମାମଲାରେ କର୍ପୋରେଟର୍ ଅମରେଶ ଜେନା ଓରଫ୍ ବାଇଁଆଙ୍କ ଗିରଫଦାରୀ ପଛରେ କିଏ ? ଗିରଫ ପରେ କାହିଁକି ଅର୍ଚ୍ଚନା ନାଗଙ୍କ ନାଁ ନେଲେ ଅମରେଶ ? ଅର୍ଚ୍ଚନା ଏମିତି କେଉଁ ଚକ୍ରବ୍ୟୁହ ରଚନା କଲେ ଯେ, ତାଙ୍କ ନାଗ ଫାଶରେ ଅମରେଶ ପଡ଼ିଥିବା ଅଭିଯୋଗ ଉଠିଛି ? ନା ପରଦା ପଛରେ ଆଉ କାହାର ହାତ ? ଗତ ୨ ସପ୍ତାହ ହେଲା ଉଭୟଙ୍କ ମଧ୍ୟରେ ଆରୋପ୍ ପ୍ରତି ଆରୋପ ସହ ଉଗ ଦପ୍ତରରୁ ପୋଲିସ ଥାନା ଯାଏଁ କଥା ପହଞ୍ଚିଛି। ଅର୍ଚ୍ଚନା-ଅମରେଶ ବିବାଦ ଭିତରେ ଆଉ କିଏ ତୃତୀୟ ବ୍ୟକ୍ତି ନାହାଁନ୍ତି ତ ? ଏବେ ଏଭଳି ଚର୍ଚ୍ଚା ଜୋର୍ ଧରିଛି। ଦିନେ ସେ ଥିଲେ ଭାଇ... ହେଲେ ଗିରଫ ହେବା ପରେ କେମିତି ବନିଗଲେ ଭଗାରୀ ? ଦିନେ ଉଭୟଙ୍କ ମଧ୍ୟରେ ଥିଲା ଭଲ ସଂପର୍କ...ହେଲେ ହଠାତ୍ କାହିଁକି ଉଠିଲା ଝଡ଼ ? ବିଜେଡିରୁ ନିଲମ୍ବିତ ହୋଇଥିବା ଭୁବନେଶ୍ୱର ମହାନଗର ନିଗମର ୪୫ ନମ୍ବର କର୍ପୋରେଟର ଅମରେଶ ଜେନା ବନାମ୍ ଅର୍ଚ୍ଚନା ନାଗ୍ କଳିର ମଞ୍ଜି ବୁଣିଲା କିଏ ? ଗିରଫଦାରୀ ପରଠୁ କାହିଁକି ଏବେ ବଢ଼ିଛି ଅମରେଶ୍-ଅର୍ଚ୍ଚନା ଆରୋପ ପ୍ରତ୍ୟାରୋପର ଫର୍ଦ୍ଦ ? ଥରେ ନଜର ପକାନ୍ତୁ ଲକ୍ଷ୍ମୀସାଗର ଥାନାରେ ଅର୍ଚ୍ଚନାଙ୍କ ବିରୋଧରେ ଅମରେଶ ଜେନା ଦାୟର କରିଥିବା ଗତ ୨୨ ତାରିଖର ଏତଲା କପି ଉପରେ। ଯେଉଁଥିରେ ଲେଖାଯାଇଛି, ନିର୍ଦ୍ଦୋଶରେ ଯେପରି ଖଲାସ ହୋଇପାରିବେ ଏବଂ ତାଙ୍କ ସପକ୍ଷରେ ଯିବାକୁ ଅର୍ଚ୍ଚନା ଧମକ ଚମକ ଦେଉଥିଲେ। ଏପରିକି ସାହାଯ୍ୟ ବାହାନାରେ ୩୦ ହଜାର ଟଙ୍କା ▶▶ପୃଷ୍ଠା ୭

## ପ୍ରତିଶୋଧ ନେଲା ସେନା: ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ଥିବା ଆତଙ୍କୀ ନିପାତ

ନୂଆଦିଲ୍ଲୀ,୨୮/୭ : ପହଲଗାମ୍ ହମଲାର ବଦଲା ନେଲେ ସୁରକ୍ଷାବାହିନୀ । 'ଅପରେସନ ମହାଦେବ'ରେ ପହଲଗାମ୍ ହମଲାର ମାଷ୍ଟରମାଇଣ୍ଡ ପାକିସ୍ତାନୀ ଆତଙ୍କବାଦୀ ହାସିମ୍ ମୁସା ସଫା। ସେନା ଗୁଳିରେ ମୁସା ସହ ତିନି ଆତଙ୍କବାଦୀ ମାଟିରେ ମିଶିଛନ୍ତି। ଯିଏ ଦିନେ ଧର୍ମ ପଚାରି ନିରୀହଙ୍କ ହତ୍ୟା କରିଥିଲେ ଆଜି ତା ପରିଚୟ ଖୋଜିବାକୁ କେହି ନାହିଁ। ଆଉ ଏହି ଘଟଣା ପରେ ସେନାର ବୀରତ୍ୱକୁ ପ୍ରଶଂସା କରିଛନ୍ତି ପହଲଗାମରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର। ପହଲଗାମ୍ ହମଲାର ବଦଲା। ମାଟିରେ ଲୋଟିଲେ ଆତଙ୍କବାଦୀ। ଯେଉଁମାନେ ଖେଳିଥିଲେ ରକ୍ତର ହୋଲି, ସେମାନେ ହେଲେ ରକ୍ତାକ୍ତ। ତିନି ମାସର ଲୁଚକାଳି ପରେ ଶେଷରେ ସେନା ଗୁଳିରେ ନିପାତ ହୋଇଛି ପହଲଗାମ୍ ଆକ୍ରମଣର ମାଷ୍ଟର୍ ମାଇଣ୍ଡ ସୁଲେମାନ୍ ଶାହା ଓରଫ୍ ହାସିମ୍ ମୁସା। ତା ସହ ଆଉ ୨ ଆତଙ୍କବାଦୀ ମଧ ଟଳିଛନ୍ତି । ଭଲ ଭାବେ ଦେଖନ୍ତୁ ଏଇ ଫଟୋକୁ। ଭଲ ଭାବେ ଚିହ୍ନନ୍ତୁ ଏଇ ଚେହେରାକୁ। ଯିଏ ଏପ୍ରିଲ ୨୨ରେ ଧର୍ମ ପଚାରି ହତ୍ୟା କରିଥିଲା ନିମର୍ମ ୨୫ ଭାରତୀୟଙ୍କୁ, ଆଜି ସେମାନଙ୍କ ଅବସ୍ଥା କେମିତି। ଗଲା ତିନି ମାସ ଧରି ମୁସା କଶ୍ମୀରର ପାହାଡ଼ ଜଙ୍ଗଲରେ ଲୁଚି ରହୁଥିଲା। କଶ୍ମୀର ଲିଡୱାସ୍ ଜଙ୍ଗଲରେ ଏମିତି ଭୀରୁ ଭଳି ଗଛ ଆଢୁଆଳରେ



ରହୁଥିବା ବେଳେ ଗୁଇନ୍ଦା ସୂଚନା ଆଧାରରେ 'ଅପରେସନ୍ ମହାଦେବ'ରେ ତାକୁ ଟ୍ରାକ୍ କରିଥିଲା ସେନା ଓ ସ୍ପେଶାଲ୍ ଫୋର୍ସ। ପ୍ରଥମେ ଟ୍ରାକ, ପରେ ଚିହ୍ନଟ ଏବଂ ଶେଷରେ ୧୧ ମିନିଟ୍ ର ଅପରେସନ୍। ମାତ୍ର ୮ଟି ବୁଲେଟ୍ ଫାୟାର୍ କରିଥିଲେ ଯବାନ ଆଉ ସେଥିରେ ଢେର ହେଇଥିଲେ ଏଇ ୩ ଆତଙ୍କବାଦୀ। ପାକିସ୍ତାନର ଆତଙ୍କୀ ରୁଟି ଖାଇ ବଡ଼ ହେଇଥିବା ଏଇ ମୁସା ଥିଲା ପାକ୍ ସେନାର ସ୍ପେଶାଲ୍ ସର୍ଭିସ୍ ଗ୍ରୁପ୍-ଏସଏଜିର ପାରା କମାଣ୍ଡୋ। ଆତଙ୍କବାଦୀ ଆକ୍କାଙ୍କ ଗୋଟିଏ ଇସାରାରେ ରଚୁଥିଲା ଷଡ଼ଯନ୍ତ୍ର। ୨୦୨୨ରେ ଲସ୍କର ଏ ତୋଏବାରେ ସାମିଲ ▶▶ପୃଷ୍ଠା ୭

### ଗୋପାଳପୁର ଗଣଦୁଷ୍କର୍ମ ମାମଲା

## ୪୪ ଦିନରେ ୫୭୪ ପୃଷ୍ଠାର ଚାର୍ଜସିଟ ଦାଖଲ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୨୮/୭ (ନି.ପ୍ର): ଗୋପାଳପୁର ଗଣ ଦୁଷ୍କର୍ମ ମାମଲା ଓ କ୍ରାଇମବ୍ରାଞ୍ଚ୍ ଦାଖଲ କଲା ଚାର୍ଜସିଟ୍ ଓ ଏସଡିଜେଏମଙ୍କ କାର୍ଯ୍ୟାଳୟରେ ଚାର୍ଜସିଟ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ୫୭୪ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିବା ସୂଚନା ମିଳିଛି। ଗତ ଜୁନ ୧୪ ତାରିଖରେ ଗୋପାଳ ପୁର ବେଳାଭୂମି ଅଞ୍ଚଳରେ ଘଟିଥିଲା ଏହି ଗଣ ଦୁଷ୍କର୍ମଓ ଏଥିରେ ପୋଲିସ ୧୦ଜଣଙ୍କୁ ଗିରଫ କରିଥିଲା ଓ ପରେ ଏହି ମାମଲା ରେଡ ଫ୍ଲାଗ ଭାବେ ନିଆଯାଇ କ୍ରାଇମବ୍ରାଞ୍ଚ୍ କୁ ହସ୍ତାନ୍ତର ହୋଇଥିଲା। ପ୍ରକାଶ ଥାଉ କି, ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପୂର୍ବରୁ ୧୦ ଜଣଙ୍କୁ ଗିରଫ କରାଯାଇଛି। ଘଟଣାର ୨୪ ଘଣ୍ଟା ଭିତରେ ୩ଟି ଟିମ୍ ଗଠନ କରି ପୋଲିସ ୬ ଯୁବକ ଏବଂ ୪ ନାବାଳକ ଅଭିଯକ୍ତଙ୍କୁ ଗିରଫ କରିଥିଲା। ସେପଟେ ଘଟଣାରେ ନିଜ ଆଡୁ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଜାତୀୟ ମହିଳା କମିଶନ୍। ଗୋପାଳପୁର ଭଳି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀରେ ଏଭଳି ଘଟଣା ସାରା ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରିଥିଲା। ▶▶ପୃଷ୍ଠା ୭

## ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଆଇଡି କାର୍ଡ ରଙ୍ଗ ବଦଳିଲା

ଭୁବନେଶ୍ୱର, ୨୮/୭ (ନି.ପ୍ର): ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଆଇଡି କାର୍ଡ ରଙ୍ଗ ବଦଳିଛି। ୨୦୨୫-୨୬ ଶିକ୍ଷାବର୍ଷରୁ ଛାତ୍ରଛାତ୍ରୀ ନୂଆ ଆଇଡି କାର୍ଡ ପିନ୍ଧିବେ । ପୂର୍ବରୁ ଆଇଡି କାର୍ଡର ରଙ୍ଗ ସବୁଜ ରହିଥିବା ବେଳେ ଏବେ ଏହାର ରଙ୍ଗ ଗେରୁଆ ହୋଇଛି। ସେହିପରି ହାଉସ ୟୁନିଫର୍ମ ଓ ଟୋପିର ଲୋଗୋ ମଧ ବଦଳିଛି। ଟୋପିର ରଙ୍ଗ ଧଳା ଓ ସେଥିରେ ଲୋଗୋ ସହ ସ୍ଲୋଗାନ ରହିଛି।

## ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ମିଳିବ ସହାୟତା: ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର, ୨୮/୭ (ନି.ପ୍ର): ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ସହାୟତା ମିଳିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ପ୍ରଦାନ କରିଛନ୍ତି। ପାଗ ଅନୁକୂଳ ହେଲେ ଆସନ୍ତା କାଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ । ପ୍ରାୟ ସବୁ ନଦୀରେ ଜଳସ୍ତର କମିଛି। ତଳିଆ ଅଞ୍ଚଳରୁ ପାଣି ଛାଡିବା ପାଇଁ ସମୟ ଲାଗିବ। ଯେତେ ଦିନ ପର୍ଯ୍ୟନ୍ତ ଲୋକେ ରିଲିଫ ସେଣ୍ଟର ଅଛନ୍ତି ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ବନ୍ୟାରେ ଭାସୁଛି ୨୬ ବ୍ଲକ : ବାଲେଶ୍ୱର, ଭଦ୍ରକ ଅଧିକ ପ୍ରଭାବିତ



ଭୁବନେଶ୍ୱର, ୨୮/୭ (ନି.ପ୍ର): ବନ୍ୟାରେ ଭାସୁଛି ରାଜ୍ୟର ୨୬ଟି ବ୍ଲକ । ବିଶେଷକରି ବାଲେଶ୍ୱର ଓ ଭଦ୍ରକର ଅଧିକାଂଶ ଅଞ୍ଚଳ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଛି । ଜଳସ୍ତର କମୁଥିଲେ ବି ତଳିଆ ଅଞ୍ଚଳରେ ଅନେକ ସ୍ଥାନ ପାଣି ଘେରରେ ଅଛି । ଭଦ୍ରକ ଓ ଯାଜପୁରର ବନ୍ୟା ସ୍ଥିତି ନାହିଁ । ବନ୍ୟାରେ ଉବୁଟୁବୁ ହେଉଛି ରାଜ୍ୟର ୨୬ ବ୍ଲକ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଦେବଗଡ଼ର ଏହି ବ୍ଲକ ବନ୍ୟାରେ ପ୍ରଭାବିତ ହୋଇଛି । ▶▶ପୃଷ୍ଠା ୭

## 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ଉତ୍ସବ ମହା ସମାରୋହରେ ପାଳିତ

ବାଲେଶ୍ୱର, ୨୮/୭ (ନି.ପ୍ର): 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା' ସମ୍ବାଦ ପତ୍ର ଓ ସାହିତ୍ୟ ପତ୍ରିକା ହେଲେ ମଧ ଏହା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଉଭୟ ସାହିତ୍ୟ ଓ ସମ୍ବାଦ ଜୀବନ ପାଇଁ ନିହାତି ଆବଶ୍ୟକତା । ଦୀର୍ଘବର୍ଷ ଧରି ଏହା ନିରନ୍ତର ପ୍ରକାଶ ପାଇ ସମଗ୍ର ରାଜ୍ୟରେ ନୂତନ ପିଢି ତିଆରି କରିବାର ଦାୟିତ୍ୱବୋଧକୁ ନିଜ କାନ୍ଧରେ ବୋହି ସୂଚାରୁ ରୂପେ ନିଜ ଦାୟିତ୍ୱ ନିର୍ବାହ କରିଛି ବୋଲି ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ବାର୍ଷିକ ଉତ୍ସବ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ନିଜ ମତବ୍ୟକ୍ତ କରିଛନ୍ତି । ବାଲେଶ୍ୱରରୁ ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇ ଆସୁଥିବା ଦୈନିକ ନିରପେକ୍ଷ




ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ବାର୍ଷିକ ଉତ୍ସବ ଓ ମିଳିତ ସମ୍ମାନ ପ୍ରଦାନ ସମାରୋହ ବାଲେଶ୍ୱର ସହରସ୍ଥ ଭେନିୟା ପାରାଡାଇଜ୍‌ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ପ୍ରାରମ୍ଭିକ କଥା ରଖିଥିଲେ ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା। ସମ୍ପାଦିକା ସୈରିନ୍ଧ୍ରୀ ସାହୁ ସମ୍ପାଦକୀୟ ବକ୍ତବ୍ୟ ରଖିବା ସହ ସଭା ସଞ୍ଚାଳନ କରିଥଲେ । ସମ୍ମାନନୀୟ ଅତିଥିଭାବେ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ବିଶିଷ୍ଟ ଲେଖକ ପ୍ରଫେସର ଦାଶ ବେନହୁର, ବିଶିଷ୍ଟ କବି ଶୈଳଜ ରବି, ବିଶିଷ୍ଟ ନାଟ୍ୟକାର ଡକ୍ଟର ନାରାୟଣ ସାହୁ, ପ୍ରକାଶକ ଡ. କାଳୀପଦ ପଣ୍ଡା ଓ ବିଶିଷ୍ଟ ସମାଜସେବୀ ତଥା ଯୁବନେତା ବିକ୍ରମ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଫେସର ଦାଶ ବେନହୁର, କବି ଶୈଳଜ ରବି, ଡ. ନାରାୟଣ ସାହୁ, ସୁଧାସିନ୍ଧୁ ପଣ୍ଡା, ବେଣୁଧର ପାଢ଼ୀ, ଉଦୟ ନାରାୟଣ ଦାସ, ସମରେନ୍ଦ୍ର ମହାପାତ୍ର, ନୀଳମଣି ଚାନ୍ଦ, ▶▶ପୃଷ୍ଠା ୭

## ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ୍ ଖାରଜ କଲେ ହାଇକୋର୍ଟ

ଭୁବନେଶ୍ୱର, ୨୮/୭ (ନି.ପ୍ର): ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ୍ ଖାରଜ କରିଛନ୍ତି ହାଇକୋର୍ଟ। ଗିରଫଦାରୀ ଏଡ଼ାଇବାକୁ ଆଗୁଆ ଜାମିନ୍ ଆବେଦନ କରିଥିଲେ ବିଷ୍ଣୁପଦ।୧୦ ଲକ୍ଷ ଟଙ୍କା ଲାଂଚ ମାମଲାରେ ଆଗୁଆ ଜାମିନ ଆବେଦନ କରିଥିଲେ ବିଷ୍ଣୁପଦ। ସୂଚନାନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ର ଜେନେରାଲ ମ୍ୟାନେଜର ଚଂଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଂଚ କାରବାର ହୋଇଥିବା ନେଇ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି।

# ୨୦ଲକ୍ଷ ନଗଦ ଟଙ୍କାସହ ନୀଳଗିରି ଅଞ୍ଚଳରୁ ଜଣେ ଅଭିଯୁକ୍ତ ଗିରଫ କଲା ଦିଲ୍ଲୀ ପୋଲିସ

ନୀଳଗିରି , ୨୮/୦୭ (ନି.ପ୍ର): ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି ଅନ୍ତର୍ଗତ ଭୀମେଇ ଗ୍ରାମର କାଶୀନାଥ ମଲ୍ଲିକ (୩୦) ଦିଲ୍ଲୀର ଏକ ବିଲଡରଙ୍କ ଘରେ ରୋଷେୟାଭାବେ କାମ କରିଆସୁଥିଲେ। ଘରମାଲିକ କାଶୀନାଥଙ୍କୁ ବିଶ୍ୱାସ କରିବାସହିତ ପରିବାରର ଜଣେ ସଦସ୍ୟଭାବେ ବିଶ୍ୱାସ କରିଥିଲେ। ମାତ୍ର କାଶୀନାଥ ବିଶ୍ୱାସରେ ବିଷ ଦେଇଥିଲା ।ଘରେଥିବା ଲକ୍ଷଲକ୍ଷ ଟଙ୍କାର ଲୋଭ ସମ୍ଭରଣ କରିନପାରି ଲୋଭରେ ବଶବର୍ତ୍ତୀହୋଇ ଟଙ୍କା ଲୁଟିବାପାଇଁ ଯୋଜନା କରିଥିଲା। ଶେଷରେ ନିଜଗ୍ରାମର ଦୁଇବନ୍ଧୁ ଆଶୁତୋଷ ଓ ଜଗବନ୍ଧୁର ସହଯୋଗ ଲୋଡ଼ିଥିଲା। ଏ ଦୁଇବନ୍ଧୁ ଦିଲ୍ଲୀରେ ପହଞ୍ଚିଥିଲେ । ପ୍ଲାନ ମୁତାବକ ତିନିବନ୍ଧୁ ଗତ ୭ଦିନ ପୂର୍ବରୁ ବିଲଡରଙ୍କ ସପରିବାର ରାତିରେ ଶୋଇଥିବାବେଳେ କାଶୀନାଥ ମଲ୍ଲିକ ଏହି ଦୁଇବନ୍ଧୁଙ୍କୁ ଡାକି ମୁଖ୍ୟଫାଟକରେ ତାଲାପକାଇ ଦେଇଥିଲେ। ପରେ ଯେଉଁଘର ଆଲମିରାରେ ଟଙ୍କା ଗଚ୍ଛିତ ଥିଲା ସେହି ଘରର ଝରକାଭାଙ୍ଗିବା ସହିତ ଗଡ଼ରେଜ ର ତାଲାଭାଙ୍ଗି ୮୬ଲକ୍ଷ ଟଙ୍କା ଚୋରି କରି ପଳାଇଆସିଥିଲେ । ତନ୍ମଧ୍ୟରୁ ୨୨ଲକ୍ଷ ଆଶୁତୋଷ, ୨୩ ଲକ୍ଷ ଜଗବନ୍ଧୁ, ଏବଂ ୪୧ଲକ୍ଷ କାଶୀନାଥ ବାଣ୍ଟି ନେଇଥିଲେ । ପ୍ଲାନ ମୁତାବକ ଏହି ୩ବନ୍ଧୁ ଏକ ସାଙ୍ଗରେ ନଆସି ଆଶୁତୋଷ ଟ୍ରେନରେ, ଜଗବନ୍ଧୁ ଦିଲ୍ଲୀରୁ ପାଟଣାକୁ ବସ ଯୋଗେ ଏବଂ କାଶୀନାଥ ବାଇକରେ ନିଜଘର ଭୀମେଇକୁ ପଳାଇ ଆସିଥିଲେ। ଯୋଜନା ଅନୁଯାୟୀ ଯିଏ ପ୍ରଥମେ ପୋଲିସ ହାତରେ ଧରାପଡ଼ିବ



ତାକୁ ଅନ୍ୟ ଦୁଇଜଣ ବେଲରେ ଆଣିବାକୁ ନିଷ୍ପତ୍ତି ମଧ ହୋଇଥିଲା। ମାତ୍ର ଦିଲ୍ଲୀ ପୋଲିସ ଆଶୁତୋଷକୁ ଦିଲ୍ଲୀ ରେଲୱେ ଷ୍ଟେସନରୁ ଗିରଫ କରିଥିଲା ବେଳେ ସେହିପରି ପାଟଣା ବସଷ୍ଟାଣ୍ଡରୁ ଜଗବନ୍ଧୁକୁ ଗିରଫ କରିବାରେ ସଫଳ ହୋଇଥିଲେ। ମାତ୍ର କାଶୀନାଥର ସନ୍ଧାନ ପାଇପାରିନଥିଲା ଦିଲ୍ଲୀପୋଲିସ । ବିଶେଷ ସୂତ୍ରରୁ ଖବରପାଇ ଜଗବନ୍ଧୁ ନୀଳଗିରିରେ ଥିବା ଜାଣିବାକୁ ପାଇଥିଲେ ।ଶନିବାର ଦିଲ୍ଲୀ ପୋଲିସ ନୀଳଗିରି ପୋଲିସଥାନାରେ ପହଞ୍ଚି ଆଇଆଇସି ଗୋବର୍ଦ୍ଧନ ନାୟକ ଏବଂ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇଙ୍କ ସହଯୋଗରେ ଭୀମେଇ ଗ୍ରାମରେ ଚଢ଼ାଉ କରିଥିଲେ । ମାତ୍ର କାଶୀନାଥ ମଲ୍ଲିକର ସନ୍ଧାନ ପାଇ ନଥିଲେ। ରବିବାର ଭୋର ସମୟରେ ନୀଳଗିରି ପୋଲିସ ସହଯୋଗରେ ଦିଲ୍ଲୀ ପୋଲିସ କାଶୀନାଥକୁ ତାଙ୍କ ଘରୁ ଗିରଫ କରିବା ସହିତ ନଗଦ ୨୦ଲକ୍ଷ ଟଙ୍କା ଜବତକରି ଦିଲ୍ଲୀ ନେଇ ଯାଇଥିବା ଜଣାପଡ଼ିଛି। ଅଭିଯୋଗକାରୀ ବିଲଡର ନୂଆ ଦିଲ୍ଲୀର ସିଆର ପାର୍କ ଥାନାରେ ଲିଖିତ ଅଭିଯୋଗ କରିଥିଲା ବେଳେ ଏନେଇ ୨୪୩/ ୨୫ ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି ।

## ଖରିଫ ଧାନ ସଂଗ୍ରହ ପାଇଁ ପଞ୍ଜିକରଣ ସରଳୀକରଣ କରିବାକୁ ଚାଷୀ ନେତାଙ୍କ ଦାବି

ଗଂଜାମ, ୨୮/୦୭ (ନି.ପ୍ର): ଚଳିତ ଖରିଫ ଧାନ ସଂଗ୍ରହ ପଞ୍ଜିକରଣରେ ସରକାର ଙ୍କପକ୍ଷରୁ ଅଯଥାରେ ରାଜନୈତି କକରଣ କରାଯାଇଥିବାରୁ ଗଞ୍ଜାମ ଚାଷୀଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ପ୍ରକୃତ ଚାଷୀଙ୍କୁ ବାଦ ଦେଇ ଚାଷୀ ପଞ୍ଜିକରଣ ସଂଖ୍ୟା କମାଇବା ପାଇଁ ସରକାର ଚଳିତ ବର୍ଷ ନୂଆଁ ନିୟମ କରିଛନ୍ତି ବ୍ଲି ଚାଷୀମାନେ ଦାବି କରିଛନ୍ତି। ପଞ୍ଜୀକରଣ ବ୍ଲେ ଚାଷୀ ଜମି ପଟା ନକଲ, ଆଧାର କାର୍ଡ କପି, ଚାଷୀ ଚାଷ କରିଥିବା ଜମିର ପରିମାଣ ଓ ତାର ଖଜଣା ରସିଦ ପଞ୍ଜୀକରଣ ପାଇଁ ଯଥେଷ୍ଟ। ଏଣୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ଘଟଣା ତଦନ୍ତ କରି ଚାଷୀ ପଞ୍ଜିକରଣ ସରଳ କରିବାକୁ କୃଷକନେତା ଭୀମ ସେନ ସ୍ୱାଇଁ ଓ ପଞ୍ଚାନନ ସ୍ୱାଇଁ ଦାବି କରିଛନ୍ତି ।

# ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ଦାବି

ଖଇରା, ୨୮/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ ଅନ୍ତର୍ଗତ ବାଉଁଶଗଡିଆ ଗ୍ରାମରେ ବହୁ ପରିମାଣର ଗୋଚର ଜମିକୁ କିଛି ବ୍ୟକ୍ତି ଜବରଦଖଲ କରି ଏହାକୁ ବ୍ୟକ୍ତଗତ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଯାହା ଫଳରେ ଗୋରୁଗାଈଙ୍କ ଚଳପ୍ରଚଳ ତଥା ଗ୍ରାମବାସୀ ମାନଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଏ ସମ୍ପର୍କରେ ଏକ ଲିଖିତ ଦାବିପତ୍ର ଗ୍ରାମବାସୀ ମାନେ ଖଇରା ତହସିଲଦାର ଅମିତ ରଞ୍ଜନ ହୋତାଙ୍କୁ ଲିଖିତ ଭାବେ ପ୍ରଦାନ କରିଛନ୍ତି। ତୁରନ୍ତ ପ୍ରଶାସନ ଗୋଚର ଜମିରୁ ଜବରଦଖଲ ନହଟାଇଲେ ଗ୍ରାମବାସୀ ମାନେ ଧାରଣାରେ ବସିବାକୁ ଜିତେନ୍ଦ୍ର କୁମାର ପରିଡା, ବୁଦ୍ଧଦେବ ବାରିକ, ଲକ୍ଷ୍ମୀଧର ବାରିକ, କନକ ବାରିକ, ଅଶୋକ ବେହେରା, କରୁଣାକର ବାରିକ, ବିମଳା ବାରିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଗ୍ରାମର କିଛି ବ୍ୟକ୍ତି ଅନ୍ୟମାନଙ୍କୁ ଭୟଭୀତ କରି ଖାତା ନମ୍ବର ୨୮୮, ପ୍ଲଟ ନମ୍ବର ୭୨୯ରେ ଥିବା ୧୪.୧୧ଏକର ବିଶିଷ୍ଟ ଗୋଚର କିସମ ଜମିରୁ ବହୁ ଅଂଶ ମାଡି ବସି ଏଥିରେ ଗୃହ ନିର୍ମାଣ କାର୍ଯ୍ୟ କରିବା ସହ କୃଷି କାର୍ଯ୍ୟ କରୁଛନ୍ତି । ଯାହାଫଳରେ ଗୋରୁଗାଈ ଓ ସାଧାରଣ ଲୋକ ଚଳପ୍ରଚଳ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ।

# ମାନବାଧିକାର ମିଶନ୍ ବଡ଼ସାହିର ମାସିକ ବୈଠକ



ବଡ଼ସାହି, ୨୮/୦୭ (ନି.ପ୍ର): ମାନବାଧିକାର ମିଶନ୍,ବଡସାହିର ମାସିକ ବୈଠକ ଶାଖାର ସାଧାରଣ ସମ୍ପାଦକ ରଣଜିତ କୁମାର ଦାସଙ୍କ ଆହ୍ୱାନ କ୍ରମେ ସଭାପତି ସୁବୋଧ କୁମାର ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ସମାଜସେବୀ ଅଜିତ କୁମାର ମହାନ୍ତିଙ୍କ ଦ୍ୱାରା ସମର୍ପିତ ବଡ଼ସାହି ହାଟ ନିକଟସ୍ଥ ଶ୍ରୀମତୀ ସାମାଜିକ ସେବା ସଦନ କଲ୍ୟାଣ ମଣ୍ଡପରେ ଅବସ୍ଥିତ ଶାଖାର ସ୍ଥାୟୀ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶାଖାର ବିଭିନ୍ନ ପଦାଧିକାରୀ ତଥା ସଦସ୍ୟ, ସଦସ୍ୟା ସର୍ବଶ୍ରୀ ରାଜେନ୍ଦ୍ର କୁମାର ଜେନା, ସୁଧୀର କୁମାର ଜେନା,ସାଇରାମ ବେହେରା, ମୃତ୍ୟୁଞ୍ଜୟ ଦ୍ୱିବେଦୀ, ଅଜିତ କୁମାର ମହାନ୍ତି, ଡମ୍ବରୁଧର ରାଉତ, ପୁହାଣ ସୂର୍ଯ୍ୟକାନ୍ତି ରାଉତ,ପ୍ରଦୀପ କୁମାର ବଳ,ସନ୍ତୋଷ କୁମାର ବିଶ୍ୱାଳ, ଦେବରାଜ ନାୟକ ଆଦି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନା ପ୍ରସଙ୍ଗରେ ନିକଟ ଅତୀତରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ବ୍ଲକ୍ ରେ ଖୋଲିବାକୁ ଥିବା ଜେ ଏମ୍ ଏଫ୍ ସି କୋର୍ଟର ପ୍ରସ୍ତାବିତ ତାଲିକା ଭିତରେ ବଡ଼ସାହିର ନାମ ଥିବାରୁ ସରକାରଙ୍କ ଏହି ନିଷ୍ପତ୍ତିକୁ ଉଚ୍ଚ ପ୍ରଶଂସାର ସହିତ ସ୍ୱାଗତ କରାଯାଇଥିଲା। ଏଥିପାଇଁ ଶାଖା ତରଫରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ସାଦର ସାଧୁବାଦ ସହ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ କୋର୍ଟର କାର୍ଯ୍ୟକାରିତା ପାଇଁ କୌଣସି ସ୍ଥାୟୀ କୋଠା ନଥିବାରୁ କୋର୍ଟର ଅଦାଲତ ଓ କାର୍ଯ୍ୟାଳୟ ନିମନ୍ତେ ସ୍ଥାୟୀ ଗୃହ ନିର୍ମାଣ ପର୍ଯ୍ୟନ୍ତ ବଡ଼ସାହି ପଞ୍ଚାୟତ ସମିତିର ଅଥବା ବଡ଼ସାହି ଥାନାର ପୁରୁଣା ଅବ୍ୟବହୃତ ଅଥଚ ବ୍ୟବହାର ଉପଯୋଗୀ ଅବସ୍ଥାରେ ଥିବା କାର୍ଯ୍ୟାଳୟ ଗୃହକୁ ବ୍ୟବହାର କରାଗଲେ ତାହା ସର୍ବସାଧାରଣ ରେ ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ଆଦୃତ ହୁଅନ୍ତା ବୋଲି ବୈଠକରେ ଖୋଲା ମତ ପ୍ରକାଶ ପାଇଅଛି। ଆଜିର ବୈଠକର କାର୍ଯ୍ୟକ୍ରମକୁ ମୁଖପାତ୍ର ଶଚୀନ୍ଦ୍ର କୁମାର ବିଶ୍ୱାଳ ସଂଯୋଜନା କରିଥିବା ବେଳେ ମିଡିଆ ସମ୍ପାଦକ ଅମିୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରାତନ ଛାତ୍ର ସଂସଦ ପକ୍ଷରୁ ମାଟ୍ରିକ ସଫଳ ଛାତ୍ରଛାତ୍ରଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା, ୨୮/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତସ୍ଥ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ୨୦୨୪-୨୫ ବର୍ଷରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ଥାନୀୟ ଅଂଚଳର ଛାତ୍ରଛାତ୍ରୀମାନଙ୍କୁ ଅର୍ଥ ରାଶି ସହ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ସଭା ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଂଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ପୁରାତନ ଛାତ୍ର ସଂସଦର ବରିଷ୍ଠ କର୍ମକର୍ତ୍ତା ଶିକ୍ଷାବିତ୍ ପଂଚାନନ ରାଉତ, ସାମାଜିକ କର୍ମୀ ହେମନ୍ତ କୁମାର ସାହୁ ଓ ରଶ୍ମି ରଂଜନ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଫଳତାର ମନ୍ତ୍ର ପ୍ରଦାନ କରିଥିଲେ ।

# ଅରୂପାର ବାଣିଜ୍ୟ ମେଳା ଉଦ୍‌ଯାପିତ

## ଶେଷ ସନ୍ଧ୍ୟାରେ ଅସମ୍ଭାଳ ଭିଡ: ୧ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ

ପାରାଦୀପ, ୨୮/୦୭ (ନି.ପ୍ର): ଅରୂପା ପକ୍ଷରୁ ପାରାଦୀପ ବିଜୁ ମଇଦାନ ରେ ଆୟୋଜିତ ବାଣିଜ୍ୟ ମେଳା ଆଜି ଉଦଯାପିତ ହୋଇଯାଇଛି ।ଉଦଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ସିଏମଇ ସୁଶୀଲ ଚନ୍ଦ୍ର ନାହକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନିଜୀବୀ କୈଳାସ ଚନ୍ଦ୍ର ସାହୁ ଓ କଳିଙ୍ଗ ମହିଳା ଶକ୍ତିର ସଭାପତି ମନୋରମା ଖଟୁଆ ଉପସ୍ଥିତ ଥିଲେ ।ସାଂସ୍କୃତିକ ସଭା ପରେ ମଞ୍ଚରେ ସ୍ଥାନୀୟ ଅଞ୍ଚଳର କଳାକାର ମାନେ ବିଭିନ୍ନ ନୃତ୍ୟ ଗୀତ ପରିବେଷଣ କରିଥିଲେ। ଆଜି ରବିବାର ପାଇଁ ଉଦଯାପନୀ ସନ୍ଧ୍ୟାରେ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। ଦୀର୍ଘ ୧୯ ଦିନ ଧରି ଚାଲିଥିବା ଏହି ବାଣିଜ୍ୟ ମେଳାର ପ୍ରତ୍ୟକ ସାନ୍ଧ୍ୟରେ ବନ୍ଦର




ସହର ସମେତ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଆସି କିଛିନା କିଛି ଜିନିଷ ପତ୍ର କିଣିବା ସହିତ ମିନାବଜାର ଷ୍ଟଲ, ବେଲାଭୂମି ବୁଲିବା ଓ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ର ମଜା ନେଇଥିଲେ ।ପାଖାପାଖି ୧୫୦ ଟି ବିଭିନ୍ନ ଷ୍ଟଲ ରେ ପ୍ରାୟତଃ ଆଶାତୀତ ଭାବେ ବ୍ୟବସାୟ ହୋଇଥିଲା। ପ୍ରାୟତଃ ଓରମାସ, ହସ୍ତଶିଳ୍ପ ଓ ଟ୍ରାଇଫେଡ ଷ୍ଟଲ ଗୁଡିକରେ ଅଧିକ ବ୍ୟବସାୟ ହୋଇଥିଲା ।ଏହା ବ୍ୟତୀତ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଷ୍ଟଲ ଗୁଡ଼କରେ ମଧ ଭଲ ବ୍ୟବସାୟ ହୋଇଛି। ମୋଟ ଉପରେ ପ୍ରାୟ ୧ କୋଟି ରୁ ଉର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ଆୟୋଜକ ଅରୂପା ର ସିଇଓ ଅଶୋକ କୁମାର ସାହୁ ସୂଚନା ଦେଇଛନ୍ତି। ଅରୂପା ହସ୍ତଶିଳ୍ପ ଓ ବୁଣାକାର ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବାଣିଜ୍ୟ ମେଳା ଆୟୋଜନ କରି ସାରା ଓଡ଼ିଶାରେ ପ୍ରଶଂସିତ ହୋଇ ପାରିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ନାହକ ସଭାରେ କହିଛନ୍ତି ।ବିଶେଷକରି ଏହି ବାଣିଜ୍ୟ ମେଳାରେ ଚାନ୍ଦୁଆ କାମ, କତା କାମ, ସମ୍ବଲପୁରୀ ଡ୍ରେସ, ମାଣିଆ ବନ୍ଧ ଶାଢୀ ଡ୍ରେସ, ଗୁଜୁରାତି ବେଡ଼ସିଟ, ପଞ୍ଜାବୀ ସୁଟ, ରାଜସ୍ଥାନ ଜୋତା, କଲିକତା ଲାଖ ଚୁଡ଼ି, ବନାରସୀ ଶାଢୀ ଷ୍ଟଲ ରେ ସ୍ଥାନୀୟ ଲୋକଙ୍କ ର ଚାହିଦା ରହିଥିଲା।

# ମୟୂରଭଂଜର ହସ୍ତତନ୍ତକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ଉଦଳା , ୨୮/୦୭ (ନି.ପ୍ର): 'ମନ କି ବାତ୍'ର ୧୨୪ତମ ଅଧ୍ୟାୟରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୟୂରଭଂଜ ଜିଲ୍ଲାର ଆଦିବାସି ମହିଳା ମାନଙ୍କ ହସ୍ତତନ୍ତ କାରିଗରିର ଭୂୟସୀ ପ୍ରଶଂସା କରିଛନ୍ତି । ଏହା ଶୁଣିବା ପରେ ମୌନଧ୍ୱନି ଫାଉଣ୍ଡେସନର ମହିଳା ମାନେ ଆନନ୍ଦିତ ହୋଇ ଉଠିଛନ୍ତି । ମୟୂରଭଂଜ ଜିଲ୍ଲାର ଏହି ସ୍ୱେଛାସେବି ସଂଗଠନ ମୌନଧ୍ୱନି ଫାଉଣ୍ଡେସନ ସ୍ଥାନୀୟ ଆଦିବାସି ମହିଳା ମାନଙ୍କୁ ହସ୍ତତନ୍ତ ପ୍ରଶିକ୍ଷଣ ଦେବା ସହ ସେମାନଙ୍କୁ ସ୍ୱାବଲମ୍ବି କରାଇବାରେ ପ୍ରମୁଖ



ଭୂମିକା ଗ୍ରହଣ କରିଛି । ବର୍ତମାନସୁଦ୍ଧା ଉଦଳା, ଗୋପବନ୍ଧୁନଗର ଓ ଖୁଂଟା ବ୍ଲକର ୯୦ରୁ ଉର୍ଦ୍ଧ ଗ୍ରାମର ପ୍ରାୟ ୮୦୦ରୁ ଉର୍ଦ୍ଧ ମହିଳା ହସ୍ତତନ୍ତରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ପ୍ରଧାନମନ୍ତ୍ରୀଙ୍କର ଏହି ବାର୍ତା ଆଦିବାସି ମହିଳା ମାନଙ୍କୁ ହସ୍ତତନ୍ତରେ ଆଗକୁ ଯିବାକୁ ପ୍ରେରଣା ଦେବ ବୋଲି ମୌନଧ୍ୱନିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ବିନ୍ଦୁବିନୋଦନ ଆଶା ବ୍ୟକ୍ତ କରିଛନ୍ତି ।

# ଏପିଜେ ଅବଦୁଲ କାଲାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା : ଓୟୁଜେ

ବାଲେଶ୍ୱର, ୨୮/୦୭ (ନି.ପ୍ର): ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ କରି ବିଶ୍ୱର ପ୍ରତିରକ୍ଷା ମାନଚିତ୍ର ରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଡ଼. ଏପିଜେ ଅବଦୁଲ କାଲାମ ଆମ ସମସ୍ତଙ୍କ ପ୍ରାତଃ ସ୍ମରଣୀୟ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ବ୍ୟକ୍ତ କରିଛନ୍ତି । ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଷ୍ଟେସନ୍ ଛକ ଠାରେ ଭାରତ ରନ୍ ଡ. ଏପିଜେ ଅବଦୁଲ କାଲାମ ଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସର ପ୍ରାପ୍ତ ପ୍ରଫେସର ଶତୃଘ୍ନ ମଲ୍ଲିକ କହିଲେ ଯେ,ଅବଦୁଲ କାଲାମ ଙ୍କ କର୍ମସ୍ଥଳ ଥିଲା ବାଲେଶ୍ୱର ର ଚାନ୍ଦିପୁର। ସେ ଚାନ୍ଦିପୁର ରୁ ହିଁ ପ୍ରଥମେ ଉଚ୍ଚ କ୍ଷମତା ସମ୍ପନ୍ନ ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରି ବିଶ୍ୱବାସୀ ଙ୍କ ହୃଦକମ୍ପ ବଢାଇ ଦେଇଥିଲେ ।ସେ ଦିନ ଠାରୁ ଭାରତ ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଆଗକୁ ବଢ଼ିବାରେ ଲାଗିଛି। ଛାତ୍ର ଛାତ୍ରୀ ଙ୍କୁ ଉଦବୋଧନ ଦେବା ବେଳେ ତାଙ୍କର ହୃଦକ୍ରୀୟା ବନ୍ଦ ଜନିତ କାରଣରୁ ମୃତ୍ୟୁ ରେ ସମଗ୍ର ବିଶ୍ୱରେ ଶୋକର ଛାୟା ଖେଳି ଯାଇଥିଲା ବୋଲି ସେ କହିଥିଲେ। ୟୁନିୟନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଶା ଖବର ର ସଂପାଦକ ଅମୀୟ କୁମାର ମହାନ୍ତି, ବରିଷ୍ଠ ସଦସ୍ୟ କୋଷଧକ୍ଷ ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ,ଲକ୍ଷ୍ମୀଧର ବାରିକ, ହାଇଦର ଖାନ, ମହେଶ୍ୱର ପ୍ରଧାନ, ସୋମନାଥ ସାହୁ, ଅଜିତ କୁମାର ମହାନ୍ତି,ଆଜୀମ ବାଲେଶ୍ୱରୀ, ସେକ ନଜିମ, ଗୋପୀକୃଷ୍ଣ ମହାନ୍ତି ଅଧିପ୍ କୁମାର ଜେନା, ପ୍ରମୁଖ ଉପସ୍ଥିତ ଥିଲେ। ୟୁନିଅନର ସାଧାରଣ ସଂପାଦକ ବିବେକାନନ୍ଦ ଦାସ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

# ନିଖୋଜ ବଣଭୂଇଁ ଏସଏସଡି ଛାତ୍ରୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରୁ ଉଦ୍ଧାର

ନୀଳଗିରି , ୨୮/୦୭ (ନି.ପ୍ର): ଗତ ଅପ୍ରେଲ ୨୩ତାରିଖରେ ନୀଳଗିରି ହସ୍ପିଟାଲରେ ଚିକିତ୍ସାଧିନ ଥିବା ଜଣେ ଛାତ୍ରୀ ନିଖୋଜ ହେବାପରେ ବିଦ୍ୟାଳୟ କର୍ତୃପକ୍ଷ, ହସ୍ପିଟାଲ୍ କର୍ତୃପକ୍ଷ ଏବଂ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟି ଥିଲା। ଶେଷରେ ରବିବାର ନୀଳଗିରି ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଭଦ୍ରକ ଜିଲ୍ଲା ରାଣୀତାଲ ଗ୍ରାମାଞ୍ଚଳ ଥାନା କିଆଗଡିଆ ଅଞ୍ଚଳରୁ ଉଦ୍ଧାରକରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ବଣଭୂଇଁ ଏସଏସଡି ବିଦ୍ୟାଳୟରେ ଅନ୍ତେବାସୀ ଭାବେ ନବମ ଶ୍ରେଣୀରେ ପଢୁଥିବା ଜୈନିକ ଛାତ୍ରୀ ଗତ ୨୧ତାରିଖରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମାତ୍ର ହଠାତ୍ ୨୩ତାରିଖ ଶୌଚଯିବା ବାହାନାରେ କେଉଁଆଡେ ନିଖୋଜ ହୋଇଯାଇଥିଲା। ଏନେଇ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ୨୪ତାରିଖ ନୀଳଗିରି ଥାନାରେ ଛାତ୍ରୀ ନିଖୋଜ ନେଇ ଲିଖିତ ଅଭିଯୋଗ ପରେ ପୋଲିସ ଛାତ୍ରୀ ସନ୍ଧାନରେ ଥିଲା। ଶେଷରେ ଆଜି ଛାତ୍ରୀଙ୍କୁ ଉଦ୍ଧାରକରି ନୀଳଗିରି ଆଣୁଥିବା ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ଶ୍ରୀନିବାସ ରାଉତ ସୂଚନା ଦେଇଛନ୍ତି।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୧୦ମ ଚାନ୍ଦବାଲି ବ୍ଲକ ସମ୍ମିଳନୀ

ଭଦ୍ରକ ଚାନ୍ଦବାଲି/ଭଦ୍ରକ, ୨୮/ ୦୭ (ନି.ପ୍ର): ମହିଳା ମାନଙ୍କୁ ଆର୍ଥିକ ସ୍ୱାଧୀନତା, ମହିଳା ମାନଙ୍କୁ ସାମାଜିକ ସମାନତା, ମହିଳା ମାନଙ୍କୁ ସମ୍ମାନ, ମହିଳା ହିଂସା ବଂଦ କରିବା, ନାରୀ ନିର୍ଯ୍ୟାତନା ଓ ନାରୀ ଧର୍ଷଣ ବଂଦ କରି ମହିଳା ମାନଙ୍କୁ ମୁକ୍ତି ପ୍ରଦାନ କରିବା, ମହିଳା ମାନଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା, ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆନୁଷ୍ଠାନିକ ହତ୍ୟା ଘଟଣାରେ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ବଳଙ୍ଗା ଛାତ୍ରୀ ପୋଡି ଘଟଣାର ସମସ୍ତ ଅଭିଯୁକ୍ତ ଓ ଷଡଯନ୍ତ୍ରକାରୀ ମାନଙ୍କୁ ଗିରଫ, ଆମ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ନିର୍ଯ୍ୟାତନା ଓ ଯୌତୁକ ଜନିତ ବଧୂ ହତ୍ୟା ବଂଦ କରିବା ଆଦି ଦାବି କରି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ର ୧୦ ମ ବ୍ଲକ ସମ୍ମିଳନୀ ମତୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଏହି ସମ୍ମିଳନୀରେ ସଂଗଠନର ପତାକାକୁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ର ଜିଲ୍ଲା ସହ ସଂପାଦିକା କୁମୁଦିନୀ ଭୋଇ ଉତ୍ତୋଳନ କରିଥିଲେ ।ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଚାନ୍ଦବାଲି ବ୍ଲକ ସଭାନେତ୍ରୀ ମଧୁସ୍ମିତା ପାକଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅତିଥି ଭାବେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିଆଇଟିୟୁ ଚାନ୍ଦବାଲି ବ୍ଲକ ସଭାପତି ମଳୟ ଭୋଇ, ସିଆଇଟିୟୁ ତିହିଡି ବ୍ଲକ ସଭାପତି ବିଷ୍ଣୁ ଦାଶ, ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଂପାଦକ ଗୌରାଙ୍ଗ ଯେନା, ଚାଷୀ ମୂଲିଆ ସଂଘ ସଭାପତି ସୁଶାନ୍ତ ଜେନା, ଚାଷୀ ନେତା ବ୍ରହ୍ମାନନ୍ଦ ପରିଡା, ଶିକ୍ଷକ ନେତା ସାଧୁ ଚରଣ ନାୟକ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଚାନ୍ଦବାଲି ବ୍ଲକ ସଂପାଦିକା କୁମୁଦିନୀ ଭୋଇ,ମହିଳା ନେତ୍ରୀ ଯଶୋଦା ସାହୁ, ମହିଳା ନେତ୍ରୀ ମାଳତୀ ଲତା ନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିବା ସହ ମହିଳା ସଂଗଠନ ର ଦାବି ଗୁଡିକୁ ଗାଁ ଗାଁକୁ ନେଇଯିବାକୁ ଆହ୍ୱାନ ଜଣାଇଥିଲେ । ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ର ସାଂଗଠନିକ ଶକ୍ତି ବୃଦ୍ଧି କରିବାକୁ ଅତିଥି ମାନେ ଆହ୍ୱାନ ଜଣାଇଥିଲେ । ସମ୍ମିଳନୀର ଶେଷ ପର୍ଯ୍ୟାୟରେ ଏକ ୧୫ ଜଣିଆ ବ୍ଲକ କମିଟି ନିର୍ବାଚିତ ହୋଇଥିଲା । ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ବ୍ଲକ ସଭାନେତ୍ରୀ ଭାବେ ମଧୁସ୍ମିତା ପାକଳ ଓ ବ୍ଲକ ସଂପାଦିକା ଭାବେ କାମିନୀ ଭୋଇ ପୁନଃ ନିର୍ବାଚିତ ହୋଇଥିଲେ । ଉପସଭାନେତ୍ରୀ ଭାବେ ଯଶୋଦା ସାହୁ, ବାସନ୍ତୀ ମହାନ୍ତି, ସହସଂପାଦିକା ଭାବେ ପ୍ରତିଭା ରାଉତ ଓ ସେବତୀ ସେଠୀ ନିର୍ବାଚିତ ହୋଇଥିଲେ । ଆସନ୍ତା ଅଗଷ୍ଟ-୨ ରେ ସଂଗଠନ ପକ୍ଷରୁ ଭଦ୍ରକରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ମହିଳା ସମାବେଶକୁ ସଫଳ କରିବା ପାଇଁ ନବନିର୍ବାଚିତ ବ୍ଲକ ସଭାନେତ୍ରୀ ଓ ବ୍ଲକ ସଂପାଦିକା ଆହ୍ୱାନ ଜଣାଇଥିଲେ । ଏହି ସମ୍ମିଳନୀରେ ଚାନ୍ଦବାଲି ବ୍ଲକର ଶତାଧିକ ମହିଳା ଉପସ୍ଥିତ ଥିଲେ ।

# ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ବାରିପଦା, ୨୮/୦୭ (ନି.ପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୨୨ ନଂ ୱାର୍ଡ ସ୍ଥିତ ରଘୁନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ ସହିତ ତାର ଯତ୍ନ ନେବା ଉପରେ ଆଲୋକପାତ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ ଓ ସମାଜସେବୀ କବି ବିଷ୍ଣୁ ଶତପଥି, କାଉନସିଲର ଲକ୍ଷ୍ମୀଧର ହାବୋଡା ଉପସ୍ଥିତ ରହି ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରପ କରିଥିଲେ ଓ ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରାଗଛ ରୋପଣ କରାଯାଇଥିଲା ଓ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ସୁବାସିନୀ ପାଲ, ସିଦ୍ଧେଶ୍ୱର ମିଶ୍ର, ଅଙ୍କିତା ପଟ୍ଟନାୟକ, ସଞ୍ଜୟ ଜେନା, ସୁକନ୍ୟା ଗିରି ଏବଂ ଶିକ୍ଷକ ସଙ୍ଘର କର୍ମକର୍ତ୍ତା ଗୌରଗୋପାଳ ଲେଙ୍କା, ସପନ କୁମାର ବେହେରା, ସୁଶୀଲ କୁମାର ପଣ୍ଡା, ସୁବୋଧ ଦାସ, ଧନପତି ମିଶ୍ର, ଗୌତମ ଦାସ ତଥା ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

# ଗଣମାଧ୍ୟମ ହେଉଛି ପ୍ରଶାସନର ଆଖି ଓ କାନ : ଜିଲ୍ଲାପାଳ

ବଲାଙ୍ଗିର, ୨୮/୦୭ (ନି.ପ୍ର): ସୁବର୍ଣ୍ଣପୁରରେ ନୂତନ ଜିଲ୍ଲାପାଳ ଭାବେ ଯୋଗ ଦେଇଛନ୍ତି ଡ଼ଃ. ନୃପରାଜ ସାହୁ । ସେ ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହ ଭାବ ବିନିମୟ ବେଳେ ଗଣମାଧ୍ୟମ ହେଉଛି ସମାଜ ଓ ପ୍ରଶାସନର ଆଖି ଓ କାନ ବୋଲି କହିଥିଲେ । ଜନସାଧାରଣ ଓ ଆପଣ ମାନଙ୍କ ସହଯୋଗ ରହିଲେ ଜିଲ୍ଲାର ସମସ୍ତ ଅଧୁରା ପ୍ରକଳ୍ପକୁ ସମ୍ପୂର୍ଣ ଓ ନୂଆ ନୂଆ ପ୍ରକଳ୍ପକୁ ଆରମ୍ଭ କରିବାକୁ ସହଜ ହେବ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତର ରଖିଥିଲେ ନୂଆ ଜିଲ୍ଲାପାଳ ଡ଼ଃ. ସାହୁ । ପ୍ରଥମେ ସୁବର୍ଣ୍ଣପୁରର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ଦର୍ଶନ କରିବା ପରେ ସିଧାସଳଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମ୍ ରାଜେନ୍ଦ୍ର ମାଝୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଆଜି ସେ କାର୍ଯ୍ୟରେ ଯୋଗଦେବା ପରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଜନ ଶୁଣାଣି କାର୍ଯ୍ୟକ୍ରମରେ ପ୍ରଥମେ ଲୋକଙ୍କ ଅଭିଯୋଗ ଶୁଣିବାକୁ ତରଭା ଗସ୍ତ କରିଥିଲେ । ଯାହାକି ଉପସ୍ଥିତ ଗଣମାଧ୍ୟମ ଓ ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କୁ ପ୍ରଶଂସା କରିଥିଲେ ।

# ଭଲ ପରଫର୍ମ କରନ୍ତୁ: ନଚେତ୍ ପଛରେ ରହିଯିବେ




ସାହସ ଓ ଦୃଢ଼ ମନୋବଳ: ବେଳେବେଳେ କମ୍ପାନିର ଏଭଳିକିଛି ଘଟଣା ଘଟେ। ଫଳରେ କମ୍ପାନିର ଟିମ୍ ଲିଡର ହେଉ କି ମ୍ୟାନେଜର ହଠାତ୍ ଚାକିରି ଛାଡ଼ି ଚାଲି ଯାଆନ୍ତି। ସେତେବେଳେ ତାଙ୍କ ପୋଷ୍ଟରେ କେହି ନଥାନ୍ତି ଦାୟିତ୍ୱ ସମ୍ଭାଳିବାକୁ। ଏହି ସମୟରେ କମ୍ପାନିର ମୁଖ୍ୟ, ସମସ୍ତ କର୍ମଚାରୀଙ୍କ ମଧ୍ୟର ଜଣଙ୍କୁ ବାଛି ଏହି କାମ କରିବାକୁ ସୁଯୋଗ ଦେଇଥାନ୍ତି। ଏହି ଦାୟିତ୍ୱ ବୋଧ ବୋହିବାକୁ ପ୍ରାୟ କର୍ମଚାରୀଙ୍କ ମନରେ ଡର ଥାଏ, ତେଣୁ ସେମାନେ ମନା କରିଦିଅନ୍ତି। ଯଦି କେବେ ଆପଣଙ୍କ କର୍ମକ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଉଛି, ତେବେ ବିନା ଦ୍ୱିଧାରେ ସାହସ ଓ ଦୃଢ଼ ମନୋବଳ ସହିତ ଦାୟିତ୍ୱ ତୁଲେଇବାକୁ ରାଜି ହୋଇଯାନ୍ତୁ। ଯଦି ଅଫିସ୍‌ର ଉଚ୍ଚପଦାଧିକାରୀ ଆପଣଙ୍କୁ ଏହି ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ କରିଛନ୍ତି, ତେବେ ତାଙ୍କୁ ସମ୍ମାନ ଜଣାଇ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ। ଦେଖିବେ ଅତି କମ୍ ସମୟରେ ଆପଣ ବସ୍‌ଙ୍କ ପ୍ରିୟପାତ୍ର ହୋଇପାରିବେ।



ସ୍ୱତନ୍ତ୍ର ପରିଚୟ ହେବ ପଦୋନ୍ନତି: ସ୍ୱତନ୍ତ୍ର ପରିଚୟ ଅର୍ଥ ନୁହେଁ, ମ୍ୟାନେନଜମେଣ୍ଟ କିମ୍ବା ଉଚ୍ଚପଦାଧିକାରିଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରଖିବା। ବରଂ କମ୍ପାନିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା। ଯାହା କର୍ମଚାରୀଟିଏ ନିଜର କାର୍ଯ୍ୟଶୈଳୀ ଏବଂ ବ୍ୟବହାରରୁ ହାସଲ କରିଥାଏ। କୌଣସି ବି କର୍ମକ୍ଷେତ୍ର ହେଉନା କାହିଁକିଖୁବ୍ କମ୍ ଲୋକ ଥାନ୍ତି, ଯିଏ ଦାୟିତ୍ୱର ସହ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନା କରିଥାନ୍ତି। ସେଥିପାଇଁ ଅଧିକାଂଶ ଲୋକ ବସଙ୍କ ନଜରକୁ ଲୁଚି ରହିବାକୁ ପସନ୍ଦ କରିଥାନ୍ତି। ସେମାନଙ୍କ ଧାରଣା ଯେ କିଏ ଜଣେ ବସ୍ କେତେବେଳେ କେଉଁ ମୁହୂର୍ତ୍ତରେ କେଉଁ କାମ କରିବାକୁ ଦେଇ ଦେବେ। ଏହିଭଳି ନକାରାତ୍ମକ ଭାବନା ନେଇ ଆପଣ ଆଗକୁ ଯିବା ହଏତ ବିପଦ ସାବ୍ୟସ୍ତ ହୋଇପାରେ। ବରଂ ଏଭଳି ମାନସିକତା ଠାରୁ ଦୂରେଇ ରହି ପ୍ରଫେସନାଲ ଭାବେ କାମ କରିବା ସହ ବସଙ୍କ ସହ ନିଜର ଆଇଡିଆ ବାଣ୍ଟନ୍ତୁ। ଏପରି କରିବା ଦ୍ୱାରା ବସ୍ ଆପଣଙ୍କୁ ସବୁବେଳେ ଟିମରେ ରଖିବାକୁ ପସନ୍ଦ କରିବେ। ଆଉ ଆପରଙ୍କ କାମରେ ତାରିଫ ମଧ୍ୟ କରିବେ।

ନିଜକୁ କରନ୍ତୁ ପ୍ରମାଣିତ: କମ୍ପାନି ଛୋଟ ହେଉଅବା ବଡ଼ ନିଜକୁ ପ୍ରମାଣିତ କରିବା ପାଇଁ କଷ୍ଟ କରିବାକୁ ହିଁ ପଡ଼ିଥାଏ। କେତେକ ନୂଆ କର୍ମଚାରୀଙ୍କର ଧାରଣା ରହିଛି ଯେ ଟ୍ରେନିଂ ପିରିୟଡ଼ ସାରି ପରମାନେଣ୍ଟ ହେବା ପରେ ଚିନ୍ତା ଗଲା। ମାତ୍ର ଏହା ଆଦୌ ଠିକ୍ ନୁହେଁ। ଆଜିର ଟେକ୍ନୋଲୋଜି ଦୁନିଆରେ କମ୍ପାନି ଗୁଡ଼ିକ ଭିତ୍ତିଭୂମିର ବୋଝ ତଳେ ଚାପି ହୋଇଯାଉଛନ୍ତି। ଯାହା ଫଳରେ କମ୍ପାନିର ଦୈନିକ ଖର୍ଚ୍ଚ ଓ ଦରମା ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା କଷ୍ଟସାଧ୍ୟ। ତେଣୁ ବିଭିନ୍ନକମ୍ପାନି କର୍ମଚାରୀଙ୍କ ଦକ୍ଷତାକୁ ଗୁରୁତ୍ୱ ଦେଇଥାନ୍ତି। ଅଳସୁଆ ଓ ଦକ୍ଷତା ନଥିବା କର୍ମଚାରୀଙ୍କୁ କମ୍ପାନିରୁ ବାହାର କରିବାକୁ ପ୍ରସ୍ତାବ ଦେଇଥାନ୍ତି। ତେଣୁ କର୍ମଚାରୀଟିଏ ସବୁବେଳେ ନିଜ କାମ ଜରିଆରେ ହିଁ ନିଜକୁ ପ୍ରମାଣିତ କରିବା ଆବଶ୍ୟକ। ଆପଣ ନିଜକୁ ପ୍ରମାଣିତ କରିବା ଦ୍ୱାରା ହିଁ କମ୍ପାନି ଫାଇଦାରେ ରହିବ। ଆଉ ଆପଣଙ୍କ ପରିଚୟ ସ୍ୱତନ୍ତ୍ର ହେବ। ଯଦି ଆପଣ ଭଲ ପ୍ରଦର୍ଶନ କରି ନପାରନ୍ତି, ତେବେ ପଛରେ ରହିଯିବେ।



# ଲେମ୍ବୁପାଣିରେ ରହିଛି ଅନେକ ଉପକାରୀ ତତ୍ତ୍ୱ



ଲେମ୍ବୁପାଣିକୁ ଏକ ପ୍ରାକୃତିକ ଏବଂ ସତେଜ ପାନୀୟ ଭାବରେ ବିବେଚନା କରାଯାଏ, ଯାହା ଶରୀରକୁ ଅନେକ ଲାଭ ଦେଇଥାଏ। ଏଥିରେ ଭିଟାମିନ ସି' ଭରପୂର, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରେ, ପାଚନ କ୍ରିୟା ଉନ୍ନତ କରେ ଏବଂ ଚର୍ମକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଲେମ୍ବୁପାଣି ମେଟାବୋଲିଜିମ ବୃଦ୍ଧି କରି ଓଜନ ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ପ୍ରମାଣିତ ହୁଏ। ସକାଳେ ଲେମ୍ବୁପାଣି ପିଇବା ଦ୍ୱାରା ଶରୀରକୁ ହାଇଡ୍ରେସନ ମିଳିଥାଏ, ଯାହା ଥକ୍କାପଣ ହ୍ରାସ କରେ ଏବଂ ଶକ୍ତି ସ୍ତର ବୃଦ୍ଧି କରେ। ଏହା ଶରୀରକୁ ଦୀର୍ଘ ସମୟ ପାଇଁ ସୁସ୍ଥ ରଖେ। ଲେମ୍ବୁପାଣିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଆମ ଶରୀରରେ ଇନ୍‌ଫେକଶନ ବା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଏହା କେତେକାଂଶରେ ସହାୟକ ହୋଇଥାଏ। ଏଥିରେ ଥିବା ଅଧିକ ଉପକାରୀ ଗୁଣ ଉପରେ ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଲେମ୍ବୁପାଣି ପିଇଲେ ତାହା ଆମ ପାଇଁ ଆଉ ଏକ ଉପକାର କରିଥାଏ। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଥାଏ ବୋଲି ଉକ୍ତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ପାଣିରେ ଫ୍ଲାଭୋନୋଏଡ୍ ନାମକ ତତ୍ତ୍ୱ ରହିଛି। ଏହାଦ୍ୱାରା ପେଟରୋଗ ଆଶଙ୍କା କେତେକାଂଶରେ ଦୂର ହୋଇଥାଏ। ଆପଣ ଚର୍ବି ବୃଦ୍ଧିଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ଉଷୁମ ପାଣିରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ପିଇଲେ ତାହା ଶରୀରରେ ଚର୍ବି ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। ଲେମ୍ବୁ ପାଣି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ। ଏହାକୁ ପିଇଲେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ କ୍ଳାନ୍ତି ଦୂର କରିବାରେ ସହାୟକ ହୋଇଥାଏ।

ଯଦିଓ ଲେମ୍ବୁ ପାଣିର ଅନେକ ଲାଭ ଅଛି, ତଥାପି ସମସ୍ତଙ୍କ ପାଇଁ ଖାଲି ପେଟରେ ପିଇବା ଠିକ୍ ନୁହେଁ। ଲେମ୍ବୁରେ ଅଧିକ ପରିମାଣରେ ସାଇଟ୍ରିକ୍ ଏସିଡ୍ ଥାଏ, ଯାହା ଶରୀରର କ୍ଷାରୀ ସନ୍ତୁଳନକୁ ବିଗାଡ଼ିଥାଏ। ଅତ୍ୟଧିକ ଏସିଡିଟି ପେଟ ପୋଡ଼ିବା, ଏସିଡ୍ ରିଫ୍ଲକ୍ସ ଏବଂ ଗ୍ୟାସ୍ ସମସ୍ୟା ସୃଷ୍ଟି କରିପାରେ। ଏହା ଦାନ୍ତର ଏନାମେଲ୍‌କୁ ଦୁର୍ବଳ କରିପାରେ, ଯାହା ଦାନ୍ତ ସମ୍ବେଦନଶୀଳତା ଏବଂ ଖୋଳ ହେବାର ସମ୍ଭାବନା ବଢ଼ାଇଥାଏ। ତେଣୁ ସଠିକ୍ ଉପାୟରେ ଲେମ୍ବୁ ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ।

# ଦିନକୁ କେତେ ଅଲମଣ୍ଡ ଖାଇବା ଉଚିତ ?



ଡ୍ରାଏଫ୍ରୁଟ୍ସର ସେବନ ସର୍ବଦା ସ୍ୱାସ୍ଥ୍ୟ ପାଇଁ ଲାଭକାରୀ। ସେଥିରୁ ଗୋଟିଏ ହେଲା ଅଲମଣ୍ଡ(ବାଦାମ)। ଏହାକୁ ଖାଇବା ଦ୍ୱାରା ଅନେକ ରୋଗରୁ ପ୍ରତିରୋଧକ ଶକ୍ତି ନିର୍ମିତ ହୋଇଥାଏ। ଏଥିରେ ଭିଟାମିନ ଇ, ଭିଟାମିନ ବି, ଆଇରନ୍ ?, ପୋଟାସିୟମ, ଜିଙ୍କ,ମ୍ୟାଗ୍ନେସିୟମ, କପର, ଫୋଲେଟ ଭଳି ତତ୍ତ୍ୱ ରହିଛି। ଏହାଛଡ଼ା ଏଥିରେ ଥିବା ଫ୍ୟାଟ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଶରୀର ପାଇଁ ଲାଭକାରୀ। ହେଲେ ସବୁକିଛିର ସଠିକ୍ ? ଏବଂ ସୀମିତ ମାତ୍ରା ଖାଇବା ଆବଶ୍ୟକ। ବାଦାମ ଖାଇବା ସ୍ୱାସ୍ଥ୍ୟକର, ତାର ଅର୍ଥ ଯେତେ ଇଚ୍ଛା ସେତେ ଖାଇବା ଠିକ୍ ? ନୁହେଁ। ଯଦି ଭୁଲ ସମୟରେ ଏବଂ ଅଧିକ ମାତ୍ରାରେ ଏହାକୁ ଖିଆଯାଏ ତେବେ ଲାଭ ବଦଳରେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଆସନ୍ତୁ ସବିଶେଷ ଜାଣିବା:

ଦିନକୁ କେତେ ଅଲମଣ୍ଡ ଖାଇବେ ?

ବିଶେଷଜ୍ଞଙ୍କ ମତରେ ବୟସ୍କମାନେ ଦିନକୁ ୨୩ ଅଲମଣ୍ଡ ଖାଇପାରିବେ, ଯାହାକି ୩୦ ଗ୍ରାମ ହେବ। ଏତିକି ମାତ୍ରା ଶରୀର ପାଇଁ ଭଲ। ହେଲେ ଏହାଠାରୁ ଅଧିକ ଖାଇବା ଦ୍ୱାରା ଶରୀରରେ କ୍ୟାଲୋରୀ ମାତ୍ରା ଅଧିକ ହୋଇପାରେ ଏବଂ ଫ୍ୟାଟ୍ ବଢ଼ିପାରେ।

ହଜମ ଜନିତ ଅସୁବିଧା: ଅଲମଣ୍ଡ ଅଧିକ ସେବନ କରିବା ପରେ ପର୍ଯ୍ୟାପ୍ତ ପାଣି ପିଅନ୍ତୁ, ନଚେତ ହଜମ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପାରେ। ସେଥିରେ ପେଟ ଫୁଲିବା, ଗ୍ୟାସ, ପେଟ ବ୍ୟଥା, କୋଷ୍ଠକାଠିନ୍ୟ ଭଳି ସମସ୍ୟା ରହିଛି।

ଓଜନ ବଢ଼ିବା: ଅଲମଣ୍ଡ ହୃଦୟ ପାଇଁ ଭଲ। ହେଲେ ଆବଶ୍ୟକତାଠାରୁ ଅଧିକ ଖାଇଲେ ଅଧିକ କ୍ୟାଲୋରୀ ଦେହକୁ ଯାଏ। ଯାହାକି ଓଜନ ବଢ଼ାଇଥାଏ।

ରକ୍ତ ଜମାଟ ବାନ୍ଧିବାରେ ଅସୁବିଧା: ଅଲମଣ୍ଡରେ ଭିଟାମିନ ଇ ଭରପୂର ମାତ୍ରାରେ ରହିଥାଏ। ଏହାର ଅଧିକ ସେବନ ମୁଣ୍ଡବିନ୍ଧା, ରକ୍ତଜମାଟ ଭଳି ଲକ୍ଷଣ ଦେଖାଇଥାଏ। ଫଳରେ ରକ୍ତ ବୋହିଯିବାର ଭୟ ଥାଏ।

ପେଟ ବ୍ୟଥା: ଅଧିକ ଅଲମଣ୍ଡ ସେବନ ଦ୍ୱାରା ପେଟରେ ବ୍ୟଥା ହୋଇଥାଏ। ଏଥିସହ ଗ୍ୟାସ, ବ୍ଲୋଟିଂ ଭଳି ସମସ୍ୟା ଉପୁଜିପାରେ।

ଆଲର୍ଜି: ଅଲମଣ୍ଡ ସେବନ ତ୍ୱଚା ପାଇଁ ଲାଭକାରୀ ଯେତିକି ଖରାପ ମଧ ସେତିକି। ଏହାକୁ ଅଧିକ ସେବନ କରିବା ଦ୍ୱାରା କିଛି ଲୋକଙ୍କୁ ଆଲର୍ଜି ହୋଇପାରେ। ଫଳରେ ତ୍ୱଚା କୁଣ୍ଡାଇ ହେବା, ରାସେସ୍, ଫଳିଯିବା ଭଳି ସମସ୍ୟା ଉପୁଜିପାରେ।


# ଫଳ ପଚାଯାଏ କିପରି ?



ଫଳକୁ ପକ୍ୱ କରିବା ପାଇଁ ଆଜିକାଲି କ୍ୟାଲସିୟମ କାର୍ବାଇଡ୍ ଉପଯୋଗ କରାଯାଏ, ଯାହାକି ସାମାନ୍ୟ ଘାତକ। ଆମ୍ବ, କଦଳୀ ବିଭିନ୍ନ ପ୍ରକାରର ଫଳକୁ ପଚାଇବା ପାଇଁ ଏହାକୁ ଉପଯୋଗ ହୁଏ। କ୍ୟାଲସିୟମ କାର୍ବାଇଟର ଛୋଟ ପ୍ୟାକେଟକୁ (ଯାହାକି ଦୁଇ-ତିନି ଟଙ୍କାର ଦୋକାନରେ ଉପଲବ୍ଧ) ଫଳ ପେଡ଼ି ମଧ୍ୟରେ ରଖି ଘୋଡ଼ାଇ ଦିଆଯାଏ। ତା'ପରଦିନ ହିଁ ପ୍ରସ୍ତୁତ ହୋଇଯାଏ ପାଚିଲା ଫଳ। ବେପାରୀମାନେ କ୍ୟାଲସିୟମ କାର୍ବାଇଡ୍ ପ୍ୟାକେଟକୁ ଫଳ ମଧ୍ୟରେ ରଖି ତା' ଉପରେ ବରଫ ରଖନ୍ତି। ଫଳରେ ସେହି ପ୍ୟାକେଟ ଉପରେ ଜଳ ବିନ୍ଦୁ ବିନ୍ଦୁ ହୋଇ ପଡ଼େ। ଏପରି କଲେ ଫଳ ଜଲଦି ପାଚିଥାଏ କିନ୍ତୁ ଏହି ଫଳ ଶରୀର ପ୍ରତି କ୍ଷତିକାରକ। ଫଳକୁ ପଚାଇବା ପାଇଁ ସବୁଠାରୁ ସୁବିଧାଜନକ ଉପାୟ ହେଲା, ଏଥିଲିନ ଗ୍ୟାସ। ଏହା ପ୍ରାକୃତିକ ଯେଉଁଥିରେ ଫଳ ମଧ୍ୟ ତିଆରି ହୋଇଥାଏ। ପୃଥିବୀସାରା ଆମ୍ବକୁ ପକ୍ୱ କରିବା ପାଇଁ ଏହାକୁ ବ୍ୟବହାର କରନ୍ତି। ମାତ୍ର ଏଥିଲିନ ଗ୍ୟାସ କ୍ୟାଲସିୟମ କାର୍ବୟାଇଡ୍ ଅପେକ୍ଷା ମହଙ୍ଗା ପଡ଼େ। ଏହି ଗ୍ୟାସକୁ ବ୍ୟବହାର କରିବା ପାଇଁ ଭିନ୍ନ (ସ୍ପେଶାଲ୍) ସ୍ୱତନ୍ତ୍ର ଧରଣର କୋଠରି ନିର୍ମିତ କରି ନିର୍ଦ୍ଦିଷ୍ଟ ତାପମାତ୍ରା ସ୍ଥିର ରଖାଯାଏ।

ଏଥିଲିନ୍ ଓ କାର୍ବାଇଡ୍ ଉଭୟେ ହାଇଡ୍ରୋକାର୍ବନ ଅଟନ୍ତି କିନ୍ତୁ କାର୍ବାଇଡ୍ ଫଳ ମଧ୍ୟରେ ଥିବା ପୋଷାକ ତତ୍ତ୍ୱ ସହ ମିଶି ଏସିଟିଲିନ୍ ଗ୍ୟାସ୍ ତିଆରି କରେ। ତାପରେ ପୁଣି ଏସିଟେଲ ଡିହାଇଡ୍ ପ୍ରସ୍ତୁତ ହୋଇଯାଏ। ଏହାହିଁ ରୋଗର କାରଣ ବନିଯାଏ। ତେଣୁ ଏହି ପ୍ରଣାଳୀରେ ପଚାଯାଇଥିବା ଫଳ ଖାଇଲେ ଶରୀର ପ୍ରତି କ୍ଷତିକାରକ ଏବଂ ଶରୀରର ମାରାତ୍ମକ ରୋଗ ସୃଷ୍ଟିକରେ। ଆଜିକାଲି କ୍ୟାଲସିୟମ କାର୍ବାଇଡ଼କୁ ପାଣିରେ ମିଶାଇ ଇଞ୍ଜେକ୍ସନ ସିରିଞ୍ଜ ସାହାଯ୍ୟରେ ଫଳ ଦେହରେ ପୁରାଇ ଫଳକୁ ପଚାଯାଉଥିବା ଅନେକ ଦୃଷ୍ଟାନ୍ତ ଅଛି। ଏହା ଆହୁରି ମାରାତ୍ମକ।

# ମସ୍ତିଷ୍କ ବିକାଶର ନୂଆ ଉତ୍ସ



ବୈଜ୍ଞାନିକମାନେ ମସ୍ତିଷ୍କ ବିକାଶର ଏକ ଉତ୍ସ ଆବିଷ୍କାର କରିଛନ୍ତି। ସ୍ନାର୍ୟବିକ ପ୍ରଣାଳୀ ନିର୍ମାଣରେ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେସାମନେ କହିଛନ୍ତି। ବୈଜ୍ଞାନିକମାନେ ଅଣ ସ୍ନାୟବିକ କୋଷଗଉଡ଼ିକର ସଂକଳନ 'ଗ୍ଲିୟା' ଚିହ୍ନଟ କରିଛନ୍ତି, ଯାହା ଦୀର୍ଘ ସମୟରୁ ପରୋକ୍ଷ କାର୍ଯ୍ୟରତ କୋଷିକା ଭାବେ ପରିଚିତ ଥିଲା। ପ୍ରକୃତରେ ଏହି ଗ୍ଲିୟା ମସ୍ତିଷ୍କରେ ସ୍ନାୟୁକୋଷ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବହ କରେ। ମସ୍ତିଷ୍କ ବିକାଶରେ ଗ୍ଲିଆ ଭଳି ଅଣ ସ୍ନାର୍ୟବିକ କୋଷଗଉଡ଼ିକର ଅବଦାନକୁ ତର୍ଜମା କରିବାପାଇଁ ଅଧ୍ୟୟନର ଫଳାଫଳ ନୂଆ ଦିଗ ବୋଲି ଗବେଷଣାର ମୁଖ୍ୟ ଲେଖକ ଆମେରିକାର ନ୍ୟୁୟର୍କ ୟୁନିଭର୍ସିଟିରେ ଭିଲାଇୱାନ ଫର୍ଣ୍ଣାଡେସ୍ କହିଛନ୍ତି। ମସ୍ତିଷ୍କ ବିକାଶଷରେ ଗ୍ଲିୟାର ଅବଦାନକୁ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଅଣଦେଖା କରି ଆସଉଥିଲେ। କିନ୍ତୁ ଗ୍ଲିୟାକୁ ବାଦଦେଲେ ମସ୍ତିଷ୍କ ବିକାଶରେ ସମୟ, ପରିଚୟ ଓ ସ୍ନାୟୁକୋଷ ଜନ୍ମର ସମନ୍ୱୟ ସମବନ୍ଧରେ ବୁଝିବା ଅମ୍ଭବ ବୋଲି ଫର୍ଣ୍ଣାସେ କହିଛନ୍ତି। ସ୍ନାୟୁ କୋଷ କିମ୍ବା ନ୍ୟୁରେନ୍ସ ଓ ଗ୍ଲିୟା, ଏହି ଦୁଇଟି ବ୍ୟାପକ କୋଷିକା ପ୍ରକାରରେ ମସ୍ତିଷ୍କ ଗଠିତ ହୋଇଛି।

# ଇ-ବ୍ୟାଙ୍କିଙ୍ଗ୍ କରୁଥିଲେ ...



ସଭିଙ୍କ ପାଇଁ ବିଶେଷକରି ମହିଳାମାନେ ବାହାରକୁ ଗଲେ ପର୍ସରେ କ୍ୟାଶ୍ ରଖି ଯାଉଥିବାରୁ ଟଙ୍କା ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ରହିଥାଏ; ଯାହାକି ଇ-ବ୍ୟାଙ୍କିଙ୍ଗ ଆସିବା ପରଠୁ ବହୁମାତ୍ରାରେ କମିଯାଇଛି। ହେଲେ ଏଥିରେ ବି ବିଭିନ୍ନ ସମସ୍ୟାର ଆଶଙ୍କା ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଇ-ବ୍ୟାଙ୍କିଙ୍ଗ କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ...

ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକରମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ। ବ୍ୟାଙ୍କିଙ୍ଗ୍ କରୁଥିଲେ ଟ୍ରାଞ୍ଜାକ୍ସନ ସରିବା ପରେ ଲଗ୍‌ଆଉଟ୍ କରନ୍ତୁ। ଏଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ। ପର୍ସନାଲ କମ୍ପ୍ୟୁଟର, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର କିମ୍ବା ସାଇବର କାଫେରେ ଏହା ଅସୁରକ୍ଷିତ। ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ଜୁଲାଇ ୨୦୨୫, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବ୍ୟାଙ୍କ କାରବାର ପାଇଁ ଜରୁରୀ କୋଡ୍



### ଡକ୍ଟର ତପନ କୁମାର ପାଳ

ଆଜିର ସମୟରେ ଆମ ଦେଣନେଣ ଓ ଆର୍ଥିକ କାରବାରରେ ବ୍ୟାଙ୍କିଙ୍ଗ ସେବା ଦିନକୁ ଦିନ ସୁବିଧାଜନକ ଓ ଲୋକମାନଙ୍କ ଅତ୍ୟାଧୁନିକ ମୋବାଇଲ ଫୋନରେ ବେଶ ବିନା ଅସୁବିଧାରେ କାରବାର ହୋଇପାରୁଛି। ବ୍ୟାଙ୍କରେ ଖାତାଟିଏ ଖୋଲିବା ପରେ ସେଥିରୁ ଟଙ୍କା ଦେଣନେଣ କରିବା ପାଇଁ ଆମକୁ ନିଜ ଖାତା ନମ୍ବର, ବ୍ୟାଙ୍କ ଓ ଶାଖାର ନାମ ସହିତ ଭିନ୍ନ ଭିନ୍ନ ସମୟରେ ବ୍ରାଞ୍ଚ୍ କୋଡ୍ ଓ ଆଇଏଫଏସ କୋଡ୍ ଆଦି ଲେଖିବା ଦରକାର ହୋଇଥାଏ। ଆସନ୍ତୁ ଜାଣିବା ଏହି କୋଡ୍‌ଗୁଡ଼ିକ କ'ଣ ଏବଂ ଏହା କେଉଁଥିପାଇଁ ବ୍ୟବହାର କରାଯାଏ?

ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ସମସ୍ତେ ଜାଣିବା ଉଚିତ ଯେ ବ୍ୟାଙ୍କ ଗୁଡ଼ିକର ବିଭିନ୍ନ ସ୍ଥାନରେ ଏକାଧିକ ଶାଖା ରହିଥିବାରୁ ପ୍ରତ୍ୟେକ ଶାଖାକୁ କୋଡ୍ ଦ୍ୱାରା ଚିହ୍ନିତ କରାଯାଏ। ଏହା ତିନିରୁ ଛଅ ଅଙ୍କ ବିଶିଷ୍ଟ ଏକ ସଂଖ୍ୟା। ଉଦାହରଣ ସ୍ୱରୂପ ଭାରତୀୟ ଷ୍ଟେଟ ବ୍ୟାଙ୍କର ଭୁବନେଶ୍ୱର ମୁଖ୍ୟ ଶାଖା ବ୍ରାଞ୍ଚ କୋଡ୍ ହେଲା ୦୦୦୪୧। ପ୍ରତ୍ୟେକ ଶାଖାର କୋଡ୍ ସ୍ୱତନ୍ତ୍ର। କୌଣସି ଦୁଇଟି ଶାଖାର ବ୍ରାଞ୍ଚ କୋଡ୍ ସମାନ ହୋଇପାରିବ ନାହିଁ।

ସେହିପରି ଆଇଏଫଏସ କୋଡ୍ ଇଣ୍ଡିଆନ ଫାଇନାନସିଆଲ ସିଷ୍ଟମ କୋଡ୍ ବା ଆଇଏଫଏସସି ନାମରେ ପରିଚିତ ଏହି ଏଗାର ସଂଖ୍ୟା ବିଶିଷ୍ଟ କୋଡ୍‌ରେ ଅକ୍ଷର ଓ ଅଙ୍କ ଉଭୟ ଥାଏ। ଏହାର ପ୍ରଥମ ଚାରଟି ସ୍ଥାନରେ ଥିବା ଚାରଟି ଅକ୍ଷର ବ୍ୟାଙ୍କର ନାମକୁ ବୁଝାଏ। ଉଦାହରଣ ସ୍ୱରୂପ ଏଚଡ଼ିଏଫସି ବ୍ୟାଙ୍କ ଶାଖାର ଆଇଏଫଏସ କୋଡ୍‌ର ପ୍ରଥମ ଚାରଟି ଅକ୍ଷର ଏଚ୍‌ଡ଼ିଏଫସି ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା କ୍ଷେତ୍ରରେ ଏହା ଏସବିଆଇଏନ୍ ହୋଇଥାଏ। ଏହି କୋଡ୍‌ର ଶେଷ ଛଅଟି ଅଙ୍କରେ ବ୍ରାଞ୍ଚ କୋଡ୍ ହିଁ ଲେଖାଥାଏ। ପଞ୍ଚମ ସ୍ଥାନରେ '୦' (ଶୂନ)ଥାଏ। ଅନଲାଇନ ଟଙ୍କା ଦେଣନେଣ ଅର୍ଥାତ୍ ଆଇଏମପିଏସ, ଏଇନଏଫଟ ବା ଆରଟିଜିଏସ କରିବା ସମୟରେ ଏହି ଏଗାର ସଂଖ୍ୟା ବିଶିଷ୍ଟ ଆଇଏଫଏସସି ମାଧ୍ୟମରେ ବ୍ୟାଙ୍କ ଓ ତାହାର ନିର୍ଦ୍ଦିଷ୍ଟ ଶାଖାକୁ ଚିହ୍ନଟ କରାଯାଏ। ଏଣୁ ଏହି କୋଡ୍ ଠିକ ଭାବରେ ଲେଖିବା ଜରୁରୀ। ଗ୍ରାହକଙ୍କ ସୁବିଧା ଲାଗି ପାସବୁକ ଓ ଚେକ ବହିର ପ୍ରଥମ ପୃଷ୍ଠାରେ ତଥା ପ୍ରତ୍ୟେକ ଚେକ ଉପରେ ଶାଖାର ନାମ, ଠିକଣା ଓ ଆଇଏଫଏସ କୋଡ୍ ଆଦି ଲେଖାଥାଏ। ସଂପୃକ୍ତ ବ୍ୟାଙ୍କର ୱେବସାଇଟରେ ମଧ ଏହି ତଥ୍ୟ ଉପଲବ୍ଧ।

ଆଜିକାଲି ଅନେକ ଠକ ଲୋକମାନଙ୍କୁ ସେମାନଙ୍କ ସରଳତାର ସୁଯୋଗ ନେଇ ଏବଂ ବ୍ୟାଙ୍କିଙ୍ଗ ସୁବିଧା ସମ୍ପର୍କରେ ନ ଜାଣିଥିବାରୁ ଅର୍ଥ ହାତ ସଫେଇ କରୁଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ତେଣୁ କୌଣସି ପରିସ୍ଥିତିରେ ଆପଣ ଅଜଣା ବ୍ୟକ୍ତିଙ୍କୁ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କିଙ୍ଗ ସୂଚନା ଓ ବ୍ୟାଙ୍କିଙ୍ଗ କୋର୍ଡ଼ ପ୍ରଦାନ କରନ୍ତୁନାହିଁ। ଆଜିକାଲି ବ୍ୟାଙ୍କ ଉଚ୍ଚମାନର ସୁବିଧା ପ୍ରଦାନ କରୁଛନ୍ତି। ଆପଣଙ୍କର ଯେ କୌଣସି ସମସ୍ୟା ଥିଲେ ସର୍ବପ୍ରଥମେ ଆପଣଙ୍କ ପାସବୁକ୍ ରହିଥିବା ଶାଖା ସହିତ ଯୋଗାଯୋଗ କରନ୍ତୁ। କୌଣସି ଅସୁବିଧା ହେଲେ ବ୍ୟାଙ୍କର ନିର୍ଦ୍ଦିଷ୍ଟ ଟୋଲ ଫ୍ରି ଓ ହେଲପ୍ ଲାଇନ ନମ୍ବର ରହିଛି ଯାହା ଦିନରାତି, ୩୬୫ ଦିନ କାର୍ଯ୍ୟ କରିଥାଏ। ଅନେକ ଠକ ଅନେକ ପ୍ରକାର ପ୍ରଲୋଭନ ଦେଖାଇ ଆଜିକାଲି ଅର୍ଥ ଲୁଟ କରୁଛନ୍ତି। ତେଣୁ ବ୍ୟାଙ୍କିଙ୍ଗ କାରବାର ସମୟରେ ଆପଣଙ୍କର ଆଇଏଫଏସସି କୋଡ୍ ଜାଣିବା ସହିତ କୌଣସି ପରିସ୍ଥିତିରେ ଅଜଣା ଲୋକଙ୍କୁ ସେମାନେ ପ୍ରେରିତ କରିଥିବା ଓଟିପି ନମ୍ବର ଦିଅନ୍ତୁ ନାହିଁ। ସବୁକ୍ଷେତ୍ରରେ ବ୍ୟାଙ୍କକୁ ସହଯୋଗ କରନ୍ତୁ ଏବଂ ନିଜ ଆର୍ଥିକ କାରବାର ସୁରକ୍ଷିତ ରହିବା ସହ ବ୍ୟାଙ୍କ ସେବାର ମୂଲ୍ୟବାନ ସମୟ ଯେପରି ନଷ୍ଟ ନହୁଏ ସେ ଦିଗକୁ ଦେଖିବା ଆମ ସମସ୍ତଙ୍କର ଦାୟିତ୍ୱ।


ଏସବିଆଇ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨ /
୭୯୭୮୭୯୬୬୩୩


# ବଢୁଛି ଓଡ଼ିଶାର ସାମୁଦ୍ରିକ ପରିବହନ



### ଇନ୍ଦୁଭୂଷଣ ଭୂୟାଁ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ରାଜ୍ୟର ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇ ଥିବାବେଳେ ସବୁକ୍ଷେତ୍ରରେ ଓଡ଼ିଶା ଆଜି ଭାରତର ଅନ୍ୟତମ ବିକାଶସମ୍ପନ୍ନ ରାଜ୍ୟର ମାନ୍ୟତା ପାଇଛି। ସ୍ୱାସ୍ଥ୍ୟସେବା ଠାରୁ ଶିକ୍ଷା, ମହିଳା ସଶକ୍ତିକରଣ ଠାରୁ ଯୋଗାଯୋଗ, କୃଷି କ୍ଷେତ୍ର ଠାରୁ ଯୁବ ବର୍ଗ ସୁବ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଆଦର୍ଶର ଓ ପ୍ରେରଣାର କେନ୍ଦ୍ରବିନ୍ଦୁ ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାକୁ ପୂର୍ବ ଭାରତ ବିକାଶର କେନ୍ଦ୍ରବିନ୍ଦୁ ଭାବେ ଯୋଜନା ରଖିଥିଲାବେଳେ ଅନେକ ଶିଳ୍ପାୟନ କାର୍ଯ୍ୟ ରାଜ୍ୟରେ ତ୍ୱରାନ୍ୱିତ ହେଉଛି। ଦେଶର ଏକ ପ୍ରମୁଖ ମେରିଟାଇମ ହବ୍ ଭାବେ ଓଡ଼ିଶା ଉଭା ହେବାକୁ ଯାଉଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ୨୦୨୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ଓଡ଼ିଶାର ସାମୁଦ୍ରିକ ପରିବହନ କ୍ଷେତ୍ର ଏକ ପ୍ରମୁଖ ଭୂମିକା ଆଗାମୀ ଦିନରେ ଗ୍ରହଣ କରିବ। ଭବିଷ୍ୟତ ପାଇଁ ଆବଶ୍ୟକ ଉନ୍ନତ ସାମୁଦ୍ରିକ ପରିବହନ ଭିତ୍ତିଭୂମି ସୃଷ୍ଟିର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଓଡ଼ିଶା ମେରିଟାଇମ ବୋର୍ଡ଼ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଏହି କାର୍ଯ୍ୟର ନେତୃତ୍ୱ ନେଉଛନ୍ତି।


ରାଜ୍ୟରେ ସାମୁଦ୍ରିକ ବାଣିଜ୍ୟ ଏବଂ ମାଲ ପରିବହନ କ୍ଷମତା ସୁଦୃଢ଼ ହୋଇଛି। ରାଜ୍ୟର ଅଣ ପ୍ରମୁଖ ବନ୍ଦର ଗୁଡ଼ିକର ମାଲ ପରିବହନ କ୍ଷମତା ୨୦୨୪-୨୦୨୫ରେ ୮୦ ନିୟୁତ ଟନରେ ପହଞ୍ଚିଛି। ଏଥିରେ ଧାମରା ବନ୍ଦରର କ୍ଷମତା ୪୬.୦୮ ନିୟୁତ ଟନ ଏବଂ ଗୋପାଳପୁର ବନ୍ଦରର କ୍ଷମତା ୬ ନିୟୁତ ଟନରେ ପହଞ୍ଚିଛି। ଏହାଦ୍ୱାରା ରାଜ୍ୟ ପାଇଁ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୩୦୬.୧୫ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି ହୋଇପାରିଛି। ପାରାଦ୍ୱୀପ ବନ୍ଦର ୨୦୨୪-୨୦୨୫ରେ ୧୫୦.୪୧ ନିୟୁତ ଟନ ମାଲ ପରିବହନ କରି ଦେଶର ପ୍ରମୁଖ ବନ୍ଦର ଗୁଡ଼ିକ ମଧ୍ୟରେ ସର୍ବାଧିକ ମାଲ ପରିବହନ କରିବା ଭଳି ସଫଳତା ପାଇଛି। ଅତ୍ୟାଧୁନିକ ବନ୍ଦର ପ୍ରଯୁକ୍ତି ଏବଂ ଗଭୀର ବର୍ଷ କାରଣରୁ ବାଣିଜ୍ୟ ପାଇଁ ନୂଆ ସୁଯୋଗ ରାଜ୍ୟରେ ସୃଷ୍ଟି ହୋଇଛି। ଧାମରା ଓ ଗୋପାଳପୁର ବନ୍ଦର ଅନ୍ତର୍ଜାତୀୟ ସ୍ତରରେ ଉନ୍ନତ ଯୋଗାଯୋଗ ସ୍ଥାପନ କରିପାରିଛି। ଏଥି ଯୋଗୁ ଓଡ଼ିଶା ବିଶ୍ୱ ବାଣିଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ହବରେ ପରିଣତ ହୋଇଛି।

ଏଥିସହିତ ଉପକୂଳ ଜାହାଜ ଚଳାଚଳ ଜରିଆରେ ରାଜ୍ୟର ଶିଳ୍ପାଞ୍ଚଳ ଏବଂ କୃଷିଜାତ ସାମଗ୍ରୀର ଉତ୍ପାଦନ କେନ୍ଦ୍ର ଗୁଡ଼ିକ ସହିତ ଉନ୍ନତ ଯୋଗାଯୋଗ ସ୍ଥାପନ କରାଯାଇ ପାରିଛି। ରାଜ୍ୟରେ ବନ୍ଦର କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। କ୍ୟାପ୍ଟିଭ ଜେଟି ନିର୍ମାଣ ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ ସହିତ ଏକ ରାଜିନାମା ସ୍ୱାକ୍ଷର କରିଛନ୍ତି। ଜେଏସଡବ୍ଲ୍ୟୁ ପକ୍ଷରୁ ହେବାକୁ ଥିବା ସମନ୍ୱିତ ଇସ୍ପାତ କାରଖାନାର ମାଲ ପରିବହନ ଦିଗରେ ଏହା ସହାୟକ ହେବ। ଏହି ପ୍ରକଳ୍ପ ଜରିଆରେ ୨୧୦୪ କୋଟି ଟଙ୍କା ନିବେଶ ଆସିବ ଏବଂ ପାଖାପାଖି ୩୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିଭଳି ଗୋପାଳପୁର ପୋର୍ଟସ ଲିମିଟେଡ଼ର ଅଂଶଧନରେ ଆଦାନୀ ପୋର୍ଟସ ଆଣ୍ଡ ଏସଇଜେଡ଼ ୯୫ ପ୍ରତିଶତ ଅଂଶଧନ ନେବ। ଏଥିଯୋଗୁଁ ୧୬,୫୫୪ କୋଟି ଟଙ୍କାର ନିବେଶ ଆସିବା ସହ ପ୍ରାୟ ୫ ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ସମୁଦ୍ରକୁ ଉପଯୋଗ କରି ଅର୍ଥନୈତିକ ବିକାଶ ପାଇଁ ସରକାର ପ୍ରୟାସ ଚଳାଇଛନ୍ତି।

ଏଥିସହିତ ସାମୁଦ୍ରିକ ପରିବହନ କ୍ଷେତ୍ରରେ କୁଶଳୀ ମାନବ ସମ୍ବଳ ସୃଷ୍ଟି ଲାଗି ମଧ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଚାନ୍ଦବାଲିର କ୍ରୁ ତାଲିମ ପ୍ରତିଷ୍ଠାନ ଏବଂ ଓଡ଼ିଶା ମେରିଟାଇମ ଏକାଡ଼େମୀରେ ସିମୁଲେଟର ସ୍ଥାପନ କରାଯାଇଛି। ଆଭ୍ୟନ୍ତରୀଣ ଜଳ ପରିବହନରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ପୋର୍ଟସ ଆଣ୍ଡ ଆଇଡବ୍ଲ୍ୟୁଟି ବୋଟ୍ ମାଲିକମାନଙ୍କୁ ୯୫ ପ୍ରତିଶତ ସବସିଡ଼ିରେ ପ୍ରାୟ ୩୫ ହଜାର ଜୀବନ ରକ୍ଷାକାରୀ ଉପକରଣ ବଣ୍ଟନ କରିଛି। ଓଡ଼ିଶାରେ ସାମୁଦ୍ରିକ ପରିବହନ ପାଇଁ ବିସ୍ତୃତ ଜଳସୀମା ରହିଥିବାବେଳେ ଭରପୁର ପ୍ରାକୃତିକ ସମ୍ପଦ ରହିଛି। କୃଷିକ୍ଷେତ୍ରରେ ଓଡ଼ିଶା ଆଜି ଏକ ବିକଶିତ ରାଜ୍ୟ। ରାଜ୍ୟରେ ବ୍ୟାପକ ଶିଳ୍ପାୟନ ଦ୍ୱାରା ଯୁବ ବର୍ଗ ସ୍ୱାବଲମ୍ବୀ ହେବାସହ ରାଜ୍ୟର ବିକାଶରେ ନିଜର ଅଙ୍ଗୀକାରବଦ୍ଧତାକୁ ସାଫଲ୍ୟ କରୁଛନ୍ତି। କେନ୍ଦ୍ରରେ ମୋଦିଜୀଙ୍କ ସରକାର ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ଦେଉଛନ୍ତି। ରାଜ୍ୟ ବିଶେଷକରି ସାମୁଦ୍ରିକ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବା ସହ କେବଳ ରାଜ୍ୟର ରାଜସ୍ୱ ବଢୁନାହିଁ ବରଂ ଘରୋଇ ସ୍ୱାବଲମ୍ବୀ ଉତ୍ପାଦମାନ ରାଜ୍ୟ ଦେଶ ବାହାରକୁ ଯାଇ ଓଡ଼ିଶା ପ୍ରଶଂସା ସାଉଁଟୁଛି ଓ ଏକ ଅଭିବୃଦ୍ଧିର ନୂଆ ସମ୍ଭାବନାକୁ ସ୍ୱାଗତ କରୁଛି।


ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
ମୋ : ୭୪୮୮୯୯୮୫୩୨


# ନୂଆ ଅବକାରୀ ନୀତି ଅନୁସାରେ ନୂଆ ମଦଦୋକାନ ଖୋଲିବ ନାହିଁ



### ସୁବ୍ରତ କର

ଧନ୍ୟବାଦ ଅବକାରୀ ମନ୍ତ୍ରୀ ମହୋଦୟ ଏବଂ ଧନ୍ୟବାଦ ରାଜ୍ୟ ସରକାର। ଡେରି ହେଲେ ମଧ୍ୟ ଓଡ଼ିଶାବାସୀ ନିଶ୍ଚୟ ଖୁସୀ। ଏହା ବୋଧହୁଏ ୧୯୫୬ ମସିହା ବାବୁ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ପ୍ରଣୀତ ଆଇନକୁ ସମ୍ମାନ ମିଳିଲା। ଏହି ନିୟମ ଏବେ ରାଜ୍ୟରେ ୩ ବର୍ଷ ପାଇଁ ଲାଗୁ ହେବ। ନିଶ୍ଚିତ ଭାବରେ ଅବକାରୀ ନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଆସିଲା ଏବଂ ଏହା ୩ ବର୍ଷ ପାଇଁ ଲାଗୁ ହେବ। ଖାଲି ଯେ ଦୋକାନ ଖୋଲା ହବନାହିଁ ତା ନୁହେଁ ସରକାର ଅବକାରୀ ବିଭାଗ ମାଧ୍ୟମରେ ନିଶା ନିବାରଣ ଅଭିଯାନ ମଧ୍ୟ ଆରମ୍ଭ କରିବ ଏବଂ ନିଶାଡ଼ିମାନଙ୍କ ପାଇଁ ନିଶା ଛଡ଼ାଇବାର ବ୍ୟବସ୍ଥା କରିବ। ସରକାରଙ୍କ ପକ୍ଷରୁ ନିଶା ନିବାରଣ କେନ୍ଦ୍ର ଖୋଲା ହୋଇ ନିଶା ନିବାରଣ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ବିଭାଗ ଚେଷ୍ଟା କରିବେ। ଏଡି ୩ ବର୍ଷିଆ ନୀତିରେ ସରକାର ଅନେକ ସଂଶୋଧନ ଆଣିଛନ୍ତି। ଲାଇସେନ୍ସ, ରାଜସ୍ୱ ପ୍ରବର୍ତ୍ତନ, ମାନ ନିର୍ଦ୍ଧାରଣ ଭଳି କ୍ଷେତ୍ରରେ ସଂଶୋଧନ ହୋଇଛି। ଏହା ସହିତ ବିଭାଗ ତରଫରୁ ସାମାଜିକ ଦାୟିତ୍ୱବୋଧକୁ ଅଗ୍ରାଧିକାର ଦିଆହୋଇଛି। ନିଶା ସେବନର କୁପ୍ରଭାବ ଉପରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାପାଇଁ ପ୍ରସ୍ତୁତ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ ପରେ ହୁଏତ ଏହି ନୀତି ଆସନ୍ତା ଅଗଷ୍ଟ ମାସ ମଧ୍ୟରେ କାର୍ଯ୍ୟକାରୀ ହବାର ସମ୍ଭାବନା ରହିଛି। ସମାଜରେ ସଚେତନତା ଆଣିବାପାଇଁ କିଛି ବିଶେଷ, ବିଶେଷ ବ୍ୟକ୍ତିଙ୍କୁ ମଧ୍ୟ ସାମିଲ ଏବଂ ମତାମତ ନେବାର ବ୍ୟବସ୍ଥା ରହିଛି।

ସରକାରଙ୍କର ଖାଲି ଏହି ବିଭାଗ କିଛି କରିବା ପାଇଁ ଯେ ବ୍ୟସ୍ତ ତା ନୁହେଁ ଏହା ସହିତ ଆଉ ଏକ ବିଭାଗ ତତ୍ପର ହୋଇ ଉଠିଛି। ସେ ବିଭାଗଟି ହେଲା ଉଚ୍ଚଶିକ୍ଷା ବିଭାଗ। ଏହି ବିଭାଗ ତରଫରୁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ନିଶାମୁକ୍ତ କ୍ୟାମ୍ପସ ପାଇଁ ପଦକ୍ଷେପ ନେବା ପାଇଁ ସମସ୍ତ ସରକାରୀ/ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ପଠାଇ ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଉଛି ଯେ ଏନସିବି ପକ୍ଷରୁ 'ମାନସ' ପୋର୍ଟାଲ ଆରମ୍ଭ ହୋଇଛି କ୍ୟାମ୍ପସରେ ନିଶା ବ୍ୟବହାର ସମ୍ପର୍କରେ ନ୍ୟାସନା ହେଲ୍ପଲାଇନ୍ ନମ୍ବର ୧୯୩୩ରେ ଯେକୌଣସି ନାଗରିକ ଏବଂ ଛାତ୍ରଛାତ୍ରୀ ଅଭିଯୋଗ ଆଣିପାରିବେ। ଏହା ସହିତ ନିଶାକୁ ତ୍ୟାଗ କରିବାପାଇଁ ପ୍ରଚାର କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାହୋଇଛି। ଏହାଛଡ଼ା ଏଣ୍ଟିଡ୍ରଗ୍ ଇ-ଶପଥ ନେବା ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଶୋଭାଯାତ୍ରା ଆଦି ଜରିଆରେ ନିଶା ସେବନର ମାରାତ୍ମକ କୁ-ପ୍ରଭାବ ସମ୍ପର୍କରେ ସଚେତନ କରିବାପାଇଁ ମଧ୍ୟ ନିର୍ଦ୍ଦେଶ ଆସିଛି।

ଏବେ ଦେଖିଲେ ଏବେକାର ସରକାର କେତେ ସଚେତନ ହୋଇଛନ୍ତି ନିଶାକୁ ସମାଜରୁ ତଡ଼ିବାପାଇଁ। କିନ୍ତୁ ମୋ ମତରେ ଏହି କାର୍ଯ୍ୟଟି ଏତେ ସହଜ ନୁହଁ। ପ୍ରଥମ କଥା ହେଲା ଯେଉଁ ପରିମାଣରେ ଲୋକଙ୍କ ମଧ୍ୟରେ ନିଶା ମାଡ଼ି ଯାଇଛି ଏହାକୁ ଏତେଶୀଘ୍ର ରୋକ୍ ଲଗାଇବା ସମ୍ଭବ ନୁହେଁ। ଦୁଇ ନମ୍ବର ହେଲା ଅବକାରୀ ବିଭାଗ ହେଉ ବା ଉଚ୍ଚଶିକ୍ଷା ବିଭାଗ ପାଖରେ କାମକୁ ତୁଲେଇବା ପାଇଁ ଅଫିସର ଅଛନ୍ତି ତ? ତିନି ନମ୍ବର ହେଲା ଏହାପାଇଁ ସ୍ୱତନ୍ତ୍ର ବଜେଟର ପ୍ରସ୍ତୁତି ଦରକାର କାରଣ ସବୁ ବିଭାଗ ନାହିଁ ନାହିଁରେ ଚାଲିଚି। ସେ ଅଫିସର ହୁଅନ୍ତୁ ବା ଟଙ୍କା ନେଉଁ। ହଁ କିଛିଟା ସମ୍ଭବ ହୋଇପାରିବ ଯଦି ସରକାର ବିଭିନ୍ନ ରେଜିଷ୍ଟାରଭୁକ୍ତ ଏନ.ଜି.ଓ ମାନଙ୍କୁ କାମରେ ଲଗେଇବେ। ଆମେ ନିଶ୍ଚୟ ସରକାରଙ୍କ ଏହି ଚେଷ୍ଟାକୁ ସ୍ୱାଗତ କରିବୁ ଏବଂ ଆଶା କରିବୁ ସରକାର ଏଥିରେ ସଫଳ ହେବେ।

# ପ୍ରୋଟନ୍ ମେଲ୍ ବ୍ୟାନ: ଭାରତରେ ଡିଜିଟାଲ୍ ସ୍ୱାଧୀନତାର ଭବିଷ୍ୟତ

କର୍ଣ୍ଣାଟକ ହାଇକୋର୍ଟଙ୍କ ପ୍ରୋଟନ୍ ମେଲ୍ ବ୍ୟାନ କରିବା ନିର୍ଦ୍ଦେଶ ଡିଜିଟାଲ୍ ଗୋପନୀୟତା ଏବଂ ମୁକ୍ତ ଅଭିବ୍ୟକ୍ତି ଉପରେ ଏକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ଏନକ୍ରିପ୍ଟେଡ୍ ଇମେଲ୍ ସେବାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାର ଏହି ନିଷ୍ପତ୍ତି ଡିଜିଟାଲ୍ ଅଧିକାର କ୍ଷେତ୍ରରେ ଏକ ବିପଜ୍ଜନକ ପୂର୍ବଦୃଷ୍ଟାନ୍ତ ସ୍ଥାପନ କରିଛି, ଯାହା ଭାରତର ଡିଜିଟାଲ୍ ଭବିଷ୍ୟତ ପାଇଁ ଅନେକ ଆଶଙ୍କା ସୃଷ୍ଟି କରିଛି।

ଏହି ମାମଲାଟି ବେଙ୍ଗାଲୁରୁର ଏକ ସଂସ୍ଥାର ମହିଳା କର୍ମଚାରୀଙ୍କୁ ଅନଲାଇନ୍ ଉତ୍ପୀଡ଼ନ ସହ ଜଡିତ। ଅଶ୍ଲୀଳ ଇମେଲ୍ ଏବଂ ମର୍ଫ୍ ହୋଇଥିବା ଛବି ପ୍ରୋଟନ୍ ମେଲ୍ ଆକାଉଣ୍ଟରୁ ପଠାଯାଇଥିଲା । ପ୍ରୋଟନ୍ ମେଲ୍ ଅପମାନଜନକ ଆକାଉଣ୍ଟଗୁଡ଼ିକୁ ଅକ୍ଷମ କରିଥିଲେ ମଧ୍ୟ, ସ୍ୱିସ୍ ଆଇନ ଅନୁଯାୟୀ ସ୍ୱିସ୍ କର୍ତ୍ତୃପକ୍ଷଙ୍କ ଠାରୁ ଆନୁଷ୍ଠାନିକ ଆଇନଗତ ଅନୁରୋଧ ମିଳିବା ପରେ ହିଁ ଉପଭୋକ୍ତା ତଥ୍ୟ ପ୍ରକାଶ କରିପାରିବ ବୋଲି ଜଣାଇଥିଲା । ପୋଲିସ ତଦନ୍ତ ମଧ ସମାନ ବାଧା ସୃଷ୍ଟି କରିଥିଲା, କାରଣ ଭାରତ ଏବଂ ସ୍ୱିଜରଲ୍ୟାଣ୍ଡ ମଧରେ ପାରସ୍ପରିକ ଆଇନଗତ ସହାୟତା ବ୍ୟବସ୍ଥା (MLAT) ମାଧ୍ୟମରେ ଅପରାଧୀଙ୍କୁ ଚିହ୍ନଟ କରିବାରେ ଅସମର୍ଥ ହୋଇଥିଲା । ବିଚାରପତି ଏମ୍ ନାଗପ୍ରସନ୍ନା ଏହି ପରିସ୍ଥିତିକୁ ଏକ 'ବିପଦ' ଭାବରେ ବର୍ଣ୍ଣନା କରି ପ୍ରୋଟନ୍ ମେଲ୍ ବ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯୁକ୍ତି କରିଥିଲେ ଯେ ରାଜ୍ୟ ଯନ୍ତ୍ରପାତି ପ୍ରୋଟନ୍ ଏଜିର ଅସହଯୋଗ କାରଣରୁ ବାଧାପ୍ରାପ୍ତ ହୋଇଛି। ଏଥିସହ, ପ୍ରୋଟନ୍ ମେଲ୍ ବୋମା ବିପଦ ଏବଂ ଅନ୍ୟାନ୍ୟ ଅପରାଧ ପାଇଁ ମଧ ବ୍ୟବହୃତ ହୋଇଥିବା ଅଭିଯୋଗକୁ ଅଦାଲତ ଗୁରୁତ୍ୱ ଦେଇଥିଲେ ।

ଏହି ନିର୍ଦ୍ଦେଶର ମୂଳରେ ଏନକ୍ରିପ୍ସନ୍ ବା ଗୁପ୍ତୀକରଣ ପ୍ରଯୁକ୍ତିବିଦ୍ୟାକୁ ଭୁଲ୍ ବୁଝିବା ରହିଛି ବୋଲି ଅନେକ ବିଶେଷଜ୍ଞ ମତ ଦେଇଛନ୍ତି । ଏନକ୍ରିପ୍ସନ୍ କେବଳ ବାର୍ତ୍ତାର ବିଷୟବସ୍ତୁକୁ ସୁରକ୍ଷା ଦେଇଥାଏ, କିନ୍ତୁ ଏହା ସେବାର ଉପଭୋକ୍ତାଙ୍କ ବିଷୟରେ ତଥ୍ୟ ଯୋଗାଇବାରେ ବାଧା ଦିଏ ନାହିଁ, ଯେପରିକି ଆଇପି ଠିକଣା। ପ୍ରୋଟନ୍ ମେଲ୍ ନିଜେ ୨୦୨୧ ରେ ସ୍ୱିସ୍ ସରକାରଙ୍କ ଆଦେଶରେ ଫ୍ରାନ୍ସର ପୋଲିସ୍‌କୁ ଫ୍ରାନ୍ସର ପ୍ରୋଟନ୍ ମେଲ୍ ଉପଭୋକ୍ତାଙ୍କ ଆଇପି ଠିକଣା ପ୍ରଦାନ କରିଥିଲା । ଏହା ସ୍ପଷ୍ଟ ଭାବରେ ଦର୍ଶାଏ ଯେ ପ୍ରୋଟନ୍ ମେଲ୍ ଆଇନଗତ ପ୍ରକ୍ରିୟାରୁ ମୁକ୍ତ ନୁହେଁ । ଅଦାଲତ ଏନକ୍ରିପ୍ସନ୍ ଏବଂ ଉପଭୋକ୍ତା ଚିହ୍ନଟ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବାରେ ବିଫଳ ହୋଇଛନ୍ତି, ଯାହା ଏହି ନିର୍ଦ୍ଦେଶକୁ ଦୁର୍ବଳ କରିଛି । ଏହି ତ୍ରୁଟିପୂର୍ଣ୍ଣ ବୁଝାମଣା ଡିଜିଟାଲ୍ ଦୁନିଆରେ ନିରାପତ୍ତା ଏବଂ ଗୋପନୀୟତାର ଭବିଷ୍ୟତ ପାଇଁ ଏକ ବଡ଼ ବିପଦ ।

କେତେକ ଉପଭୋକ୍ତାଙ୍କ ଅପରାଧିକ କାର୍ଯ୍ୟ ପାଇଁ ସମଗ୍ର ସେବାକୁ ବ୍ଲକ୍ କରିବା ଏକ ଅସମାନୁପାତିକ ପ୍ରତିକ୍ରିୟା । ଏହା ଏକ 'ବିପଦଜନକ ପୂର୍ବଦୃଷ୍ଟାନ୍ତ' ସ୍ଥାପନ କରେ, ଯାହା ସୂଚିତ କରେ ଯେ କେବଳ କିଛି ମୁଷ୍ଟିମେୟ ଉପଭୋକ୍ତାଙ୍କ ଅଭିଯୋଗ ଆଧାରରେ ସମଗ୍ର ଏନକ୍ରିପ୍ଟେଡ୍ ସେବାଗୁଡ଼ିକୁ ବନ୍ଦ କରାଯାଇପାରିବ। ଏହା ଏକ 'ଡୋମିନୋ ଇଫେକ୍ଟ' ସୃଷ୍ଟି କରିପାରେ, ଯେଉଁଠାରେ ଅନ୍ୟ ଏନକ୍ରିପ୍ଟେଡ୍ ପ୍ଲାଟଫର୍ମଗୁଡ଼ିକ ସେମାନଙ୍କ ସୁରକ୍ଷାକୁ ଦୁର୍ବଳ କରିବାକୁ ଚାପର ସମ୍ମୁଖୀନ ହୋଇପାରନ୍ତି କିମ୍ବା ବ୍ଲକ୍ ହେବାର ଆଶଙ୍କା କରିପାରନ୍ତି । ଏହି ନିଷ୍ପତ୍ତି ଗଣମାଧ୍ୟମ ପ୍ରତିନିଧି, କାର୍ଯ୍ୟକର୍ତ୍ତା, ହ୍ୱିସିଲବ୍ଲୋଅର୍ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ଗୋଷ୍ଠୀଙ୍କ ଗୋପନୀୟତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରେ, ଯେଉଁମାନେ ସୁରକ୍ଷିତ ଯୋଗାଯୋଗ ପାଇଁ ଏନକ୍ରିପ୍ସନ୍ ଉପରେ ନିର୍ଭର କରନ୍ତି । ଏହା ମୁକ୍ତ ଅଭିବ୍ୟକ୍ତି ଉପରେ ଏକ ପ୍ରତିବନ୍ଧକ ସୃଷ୍ଟି କରିପାରେ କାରଣ ଲୋକମାନେ ଅଧିକ ସୁରକ୍ଷିତ ଅନୁଭବ କରିବେ ନାହିଁ । ଏହିପରି ଆଦେଶ ସରକାରୀ ଅଧିକାରୀମାନଙ୍କୁ କୌଣସି ପ୍ଲାଟଫର୍ମ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଉତ୍ସାହିତ କରିବ ଯାହା ଗୋପନୀୟତା ପ୍ରଦାନ କରେ ।

ପ୍ରୋଟନ୍ ମେଲ୍ ବ୍ଲକ୍ କରିବା ଦ୍ୱାରା ଅନଲାଇନ୍ ଦୁର୍ବ୍ୟବହାର ଦୂର ହେବ ନାହିଁ । ଦୁର୍ଭାଗ୍ୟବଶତଃ, ଅପରାଧୀମାନେ ଅନ୍ୟ ଏନକ୍ରିପ୍ଟେଡ୍ ଇମେଲ୍ ପ୍ରଦାନକାରୀଙ୍କ ନିକଟକୁ ସ୍ଥାନାନ୍ତରିତ ହେବେ କିମ୍ବା ଅତିରିକ୍ତ ଅନାମୀକରଣ କୌଶଳ ବ୍ୟବହାର କରିବେ। ଏହି ଆଦେଶ ବିଦେଶୀ ସେବା ପ୍ରଦାନକାରୀଙ୍କ ପାଇଁ ଆଇନଗତ ଅନିଶ୍ଚିତତା ସୃଷ୍ଟି କରେ । କଠୋର ଗୋପନୀୟତା ଆଇନ ଥିବା ଦେଶଗୁଡ଼ିକର ସେବା ପ୍ରଦାନକାରୀମାନେ ସେମାନଙ୍କର ନିଜ ଦେଶର ବାଧ୍ୟତାମୂଳକ ନିୟମ ଏବଂ ଭାରତୀୟ ଅଦାଲତର ଦାବି ମଧ୍ୟରେ ଫସିଯିବେ, ଯାହା ସେମାନଙ୍କୁ ଭାରତରେ ସେବା ପ୍ରଦାନ କରିବାରୁ ନିବୃତ୍ତ କରିବ । ଏହା ଭାରତକୁ ଏକ ଏପରି ରାଷ୍ଟ୍ର ଭାବରେ ପ୍ରତିପାଦିତ କରିବ ଯେଉଁଠାରେ ଅନୁସନ୍ଧାନକାରୀ କର୍ତ୍ତୃପକ୍ଷ ତଥ୍ୟ ପାଇବାରେ ସକ୍ଷମ ନ ହେଲେ ତୁରନ୍ତ ବ୍ଲକିଂ ଆଦେଶ ଜାରି କରାଯାଏ, ଯାହା ଆନ୍ତର୍ଜାତୀୟ ସ୍ତରରେ ଦେଶର ଡିଜିଟାଲ୍ ଛବିକୁ କ୍ଷତି ପହଞ୍ଚାଇବ।


ବ୍ଲକ୍ କରିବା ପରି କଠୋର ପଦକ୍ଷେପ ନେବା ପରିବର୍ତ୍ତେ, ଭାରତୀୟ କର୍ତ୍ତୃପକ୍ଷ ବର୍ତ୍ତମାନର ଆଇନଗତ ଚ୍ୟାନେଲଗୁଡ଼ିକୁ ମଜବୁତ କରିବା ଏବଂ ବ୍ୟବହାର କରିବା ଉଚିତ୍ । ଭାରତ ଏବଂ ସ୍ୱିଜରଲ୍ୟାଣ୍ଡ ଉଭୟ ପାରସ୍ପରିକ ଆଇନଗତ ସହାୟତା ଚୁକ୍ତି (MLAT) ର ଅଂଶୀଦାର । ଏହି ଚୁକ୍ତିକୁ ସଂସ୍କାର କରାଯିବା ଉଚିତ୍ ଯାହା ଦ୍ୱାରା ଅନୁସନ୍ଧାନକାରୀମାନେ ସମୟୋଚିତ ଭାବରେ ଆଇନଗତ ଭାବରେ ତଥ୍ୟ ହାସଲ କରିପାରିବେ । ତା'ଛଡ଼ା, ନିୟାମକମାନେ ବିଦେଶରେ ଥିବା ଏନକ୍ରିପ୍ଟେଡ୍ ସେବାଗୁଡ଼ିକ ସହିତ ଜଡିତ ହେବା ପାଇଁ ସ୍ପଷ୍ଟ ଏବଂ ସ୍ୱଚ୍ଛ ପ୍ରୋଟୋକଲ୍ ସ୍ଥାପନ କରିପାରିବେ, ଏବଂ ଆଧୁନିକ ସାଇବର ଅପରାଧକୁ ସମ୍ବୋଧିତ କରିବା ପାଇଁ ପୁରୁଣା ଚୁକ୍ତିନାମାଗୁଡ଼ିକୁ ଅଦ୍ୟତନ କରିପାରିବେ । ଏହିପରି ଏକ ଆଭିମୁଖ୍ୟ ଅପରାଧୀଙ୍କୁ ଧରିବାରେ ଅଧିକ ପ୍ରଭାବଶାଳୀ ହେବ ଏବଂ ଏଥିସହ ନାଗରିକଙ୍କ ଡିଜିଟାଲ୍ ଅଧିକାରକୁ ସୁରକ୍ଷା ଦେବ।

ସର୍ବୋଚ୍ଚ ନ୍ୟାୟାଳୟ ୨୦୧୮ ରେ ତାଙ୍କର ଗୋପନୀୟତା ରାୟରେ ମୌଳିକ ଅଧିକାରକୁ ପ୍ରତିବନ୍ଧିତ କରିବା ପାଇଁ ତିନି-ଅଂଶ ବିଶିଷ୍ଟ ପରୀକ୍ଷା (ଆଇନଗତ, ଆବଶ୍ୟକୀୟ, ଏବଂ ଅନୁପାତିକ) ଦେଇଛନ୍ତି । ପ୍ରୋଟନ୍ ମେଲ୍ ବ୍ୟାନ ଏହି ପରୀକ୍ଷାରେ ବିଫଳ ହୋଇଛି, କାରଣ ଏହା ଅନୁପାତିକ ନୁହେଁ ଏବଂ କମ୍ କଠୋର ବିକଳ୍ପ ସ୍ପଷ୍ଟ ଭାବରେ ଉପସ୍ଥିତ ଅଛି । ଡିଜିଟାଲ୍ ସୁରକ୍ଷା ପାଇଁ ଏକ ସନ୍ତୁଳିତ, ସୂକ୍ଷ୍ମ ଏବଂ ଅଧିକାର-ସମ୍ମାନଜନକ ଆଭିମୁଖ୍ୟ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ । କେବଳ ଏହିପରି ଏକ ଆଭିମୁଖ୍ୟ ଭାରତର ନାଗରିକମାନଙ୍କର ଡିଜିଟାଲ୍ ଗୋପନୀୟତା ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିପାରିବ, ଯାହା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ । କୋର୍ଟର ଉଦ୍ଦେଶ୍ୟ ଯେତେ ମହତ୍ ହେଉନା କାହିଁକି, ଏହାର କାର୍ଯ୍ୟକାରିତା ବ୍ୟାପକ ପ୍ରଭାବ ପକାଇପାରେ ଯାହା ଡିଜିଟାଲ୍ ଅଧିକାରକୁ କ୍ଷତି ପହଞ୍ଚାଇବ । ଭାରତକୁ ଏକ ଡିଜିଟାଲ୍ ଶକ୍ତି ଭାବରେ ନିଜର ସ୍ଥିତି ବଜାୟ ରଖିବାକୁ ହେଲେ ନାଗରିକଙ୍କ ଡିଜିଟାଲ୍ ସ୍ୱାଧୀନତାକୁ ସୁରକ୍ଷା ଦେବାକୁ ପଡିବ ଏବଂ ଆଇନଗତ ସମସ୍ୟାଗୁଡ଼ିକୁ ପ୍ରଯୁକ୍ତିବିଦ୍ୟାର ସଠିକ୍ ବୁଝାମଣା ସହିତ ସମାଧାନ କରିବାକୁ ପଡିବ ।

## କବିତା କୋଣାର୍କ

### ନାରୀ

### ଦୀପିକା ହୋତା



ଦଶ ମାସ ଗର୍ଭ କଷ୍ଟ ଭୋଗି
ମାତୃତ୍ୱର ପରିଚୟ ପାଉଥିବା ଜନନୀ
ଆପଣାର ଦୁଃଖ ଭୁଲି
ଅନ୍ୟକୁ ଖୁସି ବାଣ୍ଟୁଥିବା
ସେଇ ହୃଦୟବାନ ଦୁଃଖିନି ନାରୀ ।
କେବେ ଭଗିନୀ ରୂପରେ
ଭାତୃତ୍ୱର ସ୍ନେହ
ପରିବାର ବୋଝକୁ
ଆପଣାର କରିଥିବା
ମମତାର ସୁରରେ
ମନ ଜିଣି ନେଉଥିବା
ସେଇ ପିତା ମାତାଙ୍କ ଅଲିଅଳି ନାରୀ।
ବୋହୂ ରୂପେ ଅନ୍ୟକୁ ନିଜର କରି
ସେବା ଯତନରେ
ମନ ମୋହି ନେଉଥିବା
ସ୍ୱାମୀ ଚରଣେ ସଦା ସମର୍ପିତା
ସେଇ ଗୃହିଣୀ ସର୍ବସହଣୀ ନାରୀ ।
କେବେ କେବେ ଦୁର୍ଗାରୂପେ
ମହିଷାମର୍ଦ୍ଦିନୀ ହୋଇ
ପୃଥିବୀକୁ ରକ୍ଷାକରେ
କେବେ କେବେ ସତୀ ସୀତା ସାଜି
ନିଆଁରେ ସତୀତ୍ୱର ପରୀକ୍ଷା
ଦେଉଥିବା ନାରୀ ।
ସମାଜର ଘୃଣ୍ୟ ଅପବାଦକୁ
ଦିଏ ମଥାପାତି
ନିଜ କର୍ତ୍ତବ୍ୟ ପଥରେ ଆଗେଇ ଯାଏ
ପରିବାର କଷ୍ଟ ଲାଘବ ପାଇଁ
ଯନ୍ତ୍ରଣା ସହେ
ସେଇ ସହନଶୀଳ ନାରୀ ।


ନାରୀ ସଶକ୍ତିକରଣ ସଂଯୋଜିକା
ହରିଶ୍ଚନ୍ଦ୍ର ଚାରିଟେବୁଲ ଟ୍ରଷ୍ଟ
ଜିଲ୍ଲା -ନୂଆପଡା


### ବନ୍ୟା ଦାଉରେ ଜୀବନ

### ଇନ୍ଦୁମତୀ ପାତ୍ର

ଦୁଃଖ ତ ଏମିତି
ଦେହ ସୁହା ହୋଇଛି ଯେ ,
ସୁଖର ସ୍ୱପ୍ନ ଦେଖିବା
ଆକାଶ କଇଁଆଁ ଚିଲିକା ମାଛ,
ପଲିଥିନ ଢଙ୍କା ଚାଳ
ଉଡେଇନେଇଛି ଭରସାର ଛାତ ,
ସବା ଆଗରେ ବାଟ ଓଗାଳି
ଠିଆ ହୋଇଛି ପେଟର ଭୋକ।
କେତେ ଥର ,
କେତେ ଥର ଜୀବନ କାଳ ରେ
ଏମିତି ନିସ୍ୱ ହେବାଟା
ଆମ କପାଳରେ ଲେଖା
ତା ବି ତ ଜଣାନାହିଁ ,
ଥରକୁ ଥର ଲୁଟି ନେଉଛି
ଯାବତୀୟ ସୁଖ ,
ରିଲିଫ ପାଣ୍ଡିରେ ଠିଆ କରେଇଛି
ମୁଠାଏ ଭାତ ପାଇଁ ,
ଖଣ୍ଡେ ଲୁଗା ପାଇଁ ।
କିଏ କଣ ଜାଣିଥାଏ
ଏମିତି ଅଚାନକ
ବଦଳିଯିବ ଜୀବନର ଚିତ୍ରପଟ
ଚାରିଆଡେ କେବଳ
ମୃତ୍ୟୁର ବିଭୀଷିକା
ଡରାଉଥିବ ପ୍ରତି ମୁହୂର୍ତ୍ତ ,
ନା ଥିବ ଘର, ନା ଘାଟ
କଉଠି ତେବେ ପାରି ହେବ
ଜୀବନର ନାଆ ?
ଏଇଟା ଦୈବୀ ସ୍ୱୀକୃତ
ଆଉ ଆମେ ମଣିଷ ମାନେ
କଣ ହତଭାଗ୍ୟ ।
ଏମିତି ତ ପ୍ରତିବର୍ଷ ହୁଏ ,
ପାଣିଘେରରେ ବନ୍ଦୀ ଜୀବନ ,
କୁଟା ଖିଅକୁ ଆଶ୍ରା ପାରି
କେଉଁ ଉଚ୍ଚ ସ୍ଥାନ କି ସ୍କୁଲ ବାରଣ୍ଡା
ସର୍ବ ଶେଷ ଆଶ୍ରୟ ସ୍ଥଳ ।
ମୁନ୍ଦାଏ ପିଇବା ପାଣି ପାଇଁ
କେତେ ଡହଳ ବିକଳ ଜୀବନ
କୁନି ପିଲାଙ୍କ ଆଖିରେ
ଅଧା ଅଧୁରା ସ୍ୱପ୍ନ
ଜଣା ନାହିଁ ପାଣି ଛାଡିଲେ
କଉଠି ହେବ ବାସ ସ୍ଥାନ।
ସଭିଏଁ କହନ୍ତି ଏ ମତି ଛାଡ଼ିବା ,
ଫି ଥର ସହି ହେଉନି
ବନ୍ୟାର ଦାଉ
ଏ ଘର, ଜମିବାଡ଼ିର ମୋହ
ଆଉ ଲୋଡ଼ନାହିଁ ,
ଏମିତି ମରି ମରି ବଂଚିବାଟା
ଆଉ ସୁହାଉନି।
ହେଲେ ପାଦକୁ ଭିଡି ଧରେ ମାଟି,
ଯାଆ ନାରେ ଅଭିମାନୀ
ତୋ ପୂର୍ବଜଙ୍କ ଭିଟାମାଟି
ତୋ ଦେଇପିଣ୍ଡି, ଷଠିଘର
ସବୁତ ଏଇଠି ,
ମାଟି ଲଗ୍ନା ମଣିଷ ତୁ
ଏ ଭାବକୁ ଛାଡ଼ିବୁ କେମିତି ?


ଗୌର ତୋଟା ସାହି
କେନ୍ଦୁଝର ଗଡ଼
ମୋ:୯୮୬୧୬୪୯୦୨୯

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୯ ଜୁଲାଇ ୨୦୨୫, ମଙ୍ଗଳବାର

## କେବେ ଦିଏ ନାହିଁ ଧରା

### ରତ୍ନାକର ରାଉତ



ଲହୁରେ ଲେଖୁଛି ଜୀବନର ଗୀତି
ଲୁହରେ ବିତୁଛି ରାତି
ସଂସାର ଶିଖାଏ ବେଦନାର ବେଦ
ଦିନଦିନୁ ବଢ଼େ ମନରେ ଅକୁହା ଭୀତି ।

ଆଂକିପାରେ ନାହିଁ ନିଜ ପ୍ରତିଛବି
ନିଜ ଛାଇକୁ ମୁଁ ଡରେ
କହିପାରେ ନାହିଁ ମୋ ମନର କଥା
ବିଶ୍ୱାସେ କାହା ଆଗରେ
ଉତ୍କଣ୍ଠା ଉଦବେଗେ ବିତେ ଦିନରାତି
ଅବସାଦ ଭରା ଜୀବନରେ ନିତି
ପଢ଼େ ମୁଁ ବ୍ୟଥାର ଗୀତା

ଅଶାନ୍ତ ମନ ମୋ ଖୋଜୁଛି ବିକଳେ
କୋଳାହଳ ନୁହେଁ ଶାନ୍ତି ଓ ନିରବତା ।

ସବୁଠି ଅଶାନ୍ତି ଅପ୍ରୀତିର ରାଜ
ସବୁଠି ବିଷାଦ ଭରା ଦୁନିଆରେ
ବିଶ୍ୱାସ ଭରସା ତୁଟିଯାଏ ଦେଖୁଦେଖୁ
ସ୍ୱର୍ଥର କାୟା ମେଲିଛି ଏପରି ପଂଝା


ସଂପର୍କେ ସଉଦା କରନ୍ତି ଅନେକ ଲୋକ
ଚଟୁଳ କଥାରେ ଛଳନାର ଜାଲ ପାରି
କିମିଆ କପଟେ ରହିଥାଏ ବିଷ ଭରି
ମଧୁମକ୍ଷି ସମ ଶୋଷନ୍ତି ଫୁଲରୁ ମଧୁ
ନିମିଷେ ନ କରି ଡେରି
ମଉଳିଲେ ଫୁଲ ବାହୁଡ଼ି ଯାଆନ୍ତି ପାଶୁ
ଦରଦେ ବତୁରା ସ୍ମୃତି ରହେ ଅପାସୋରା
ସୁଖ ବୋଲି ଯାହା ମରୁ ମରୀଚିକା
କେବେ ଦିଏ ନାହିଁ ଧରା
କେବେ ଦିଏ ନାହିଁ ଧରା ।

ଦେଖି ସଂସାରର ଏହି ଛଳଭରା ରୀତି
ଦିନୁଦିନୁ ବଢ଼େ ମୋ ମନେ ଅକୁହା ଭୀତି
ଲହୁରେ ଲେଖୁଛି ଜୀବନର ଗୀତି
ଲୁହରେ ବିତୁଛି ରାତି ।

❤ଭୁବନେଶ୍ୱର

## ପ୍ରୀତିର ଛୁଆଁ

### ସସ୍ମିତା ଦାସ



ଓହୋ...
ଦେଖ ! କି ମତୁଆଲୀ ତରୁଣୀଟି
ଝିପିଝିପି ବର୍ଷାରେ !

ତୋରା ବାଲିରେ
ପୋତି ହୋଇହୋଇ ଯାଉଥିଲା ବୋଲି
ସେ ପାଦ ତା'ର ଚିପିଚିପି ଚାଲୁଥିଲା ।

ଶାମୁକାର ଆଘାତରେ ସେ
ତଳକୁ ନଇଁ ପଡୁଥିବା ବେଳେ
ଜହ୍ନ ତାକୁ ଦେଖି ହସୁଥିଲା ।

ଭୟ ମିଶ୍ରିତ ଲାଜରେ

ସେ ଫେରି ଆସୁଥିଲା ଝାଉଁବଣ ଦେଇ
ସବୁରାସ୍ତା ଯେପରି ତାକୁ ଖୁବ୍
ଚିହ୍ନାଚିହ୍ନା ଲାଗୁଥିଲା
ଦେହରେ ତାର ଖେଳୁଥିଲା
କିପରି ଗୋଟେ ଅସ୍ତବ୍ୟସ୍ତତା ।

ଝାଉଁବଣର ଶୀତଳ ଚୁମ୍ବନରେ
ବାରମ୍ବାର ଚିହିଁକି ଉଠୁଥିଲା ସେ,

ନିରେଖି ଦେଖୁଥିଲା ଛାତିକୁ ତା'ର ।

ଦେହରେ ତା'ର କି ଉତ୍ତେଜନା !
ତାକୁ ଲାଗୁଥିଲା କେହି ଯେପରି ଅପେକ୍ଷାରତ
ତା' ପାଇଁ ବେଳାଭୂମିରେ
ଆପେ ଆପେ ଖୋଲି ଯାଉଥିଲା ତାର କବରୀ
ସମୁଦ୍ର ଢେଉ ପରି ।

ମନରେ ତାର ଅନେକ ପ୍ରଶ୍ନବାଚୀ
କାହାପାଇଁ ତା' ଭିତରେ ଏତେ କୋଳାହଳ
ସେ ଥଳକୂଳ ପାଉନଥିଲା
ଯେପରି ସେ ଅପେକ୍ଷା କରିଥିଲା
ରାତିର ଲମ୍ବା ପଣତରେ
ପ୍ରୀତିର ଛୁଆଁକୁ ।

❤ସଂପାଦିକା, ନୀଳକଇଁ
ମୋ: ୯୪୩୭୪୪୯୪୮୨

## ଖୋଜେ ସେଇ ସ୍ମୃତି

### ପ୍ରଶାନ୍ତ କୁମାର ଦାଶ



ହସ ତ ନଥିଲା ଖାଲି ଲୁହ ଥିଲା
ପଣତରେ ଦେଲ ପୋଛି
ଧରାଇଲ ହାତେ ଗୋଲାପ ଫୁଲଟେ
ସେ କଥାତ ମନେ ଅଛି ।

ବରଷା ଭିଜା ମୋ ଦେହରୁ ପୋଛିଲ
ବରଷାର ସବୁ ଜଳ
ତୁମକୁ ପାଇମୋ ଦେହରେ ଭରିଲା
ଅସରନ୍ତି ସବୁ ବଳ ।

ସେନେହ ଶରଧା ଦେଇ ମତେ କଲ
ତୁମ ଜୀବନର ସାଥୀ
ଗରବରେ ଛାତି ଫୁଲିତ ଉଠିଲା

ପାଇ ତୁମ ପ୍ରେମ ପ୍ରୀତି ।

ପୁରୁଣା ସ୍ମୃତିର ମଧୁଭରା ନିଶା
ମନରୁ ଯାଇନି ମରି
ଗୁଣୁ ଗୁଣୁ ଗାଏ ମିଠା ମିଠା ଗୀତ
ପାଗଳ ଭଅଁର ପରି ।

ଲାଗ ମତେ ତୁମେ ସଜଫୁଟା ଫୁଲ
ମୁଁ ଯେ ପ୍ରଜାପତି ଏକ
ତୁମକୁ ନପାଇ ବିରହ ପ୍ରେମିକ
ସାଜି ମୁଁ ପାଉଚି ଦୁଃଖ ।

ତଥାପି ବୁଝୁନି ଅବୁଝା ଏ ମନ
ଅତୀତକୁ ହୁଏ ଝୁରି
ଖୋଜେ ସେଇ ସ୍ମୃତି ନଈପଠା ଧାରେ
କାନନ ଛାତିରେ ଘୂରି ।

ଏମିତି ପ୍ରେମିକା ତମେ ଥିଲ ସଖୀ
ନଥିଲା ମନରେ ରାଗ
ଦେଇ ପାରିବିମୁଁ ସବୁ ଏ ଜୀବନେ
ଯାହା ଇଚ୍ଛା ତାହା ମାଗ ।

❤କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦



## ଦୁଃଖର ଗାଥା

### ନୀଳମଣି ଚାନ୍ଦ

ଦୁଃଖ ଯଦି ହୁଏ ଦିବାକରଟିଏ
ଦେଖିନାହିଁ ଅସ୍ତାଚଳ
ଦୁଃଖ ଗୋଳି ନଈ ଧାରଟିଏ କେବେ
ହୁଏନାହିଁ ନିରିମଳ ।

କିଏ କହେ ସିଏ ପର ପୀଡ଼କର
ସମ କରୁଥାଏ କାମ
ସୁଖ ବିପରୀତ ଦୁଃଖଟି ସିନା
ଲଭିଛି ସ୍ୱତନ୍ତ୍ର ନାମ ।

ସିଏ ନୁହଁ ଝଡ଼ ହେଲେ ସେ ପାରଇ
ଜୀବନକୁ ଦୋହଲେଇ
ସେଇ ବେଳେ କିଏ କରୁଣ ଗୀତିକା
ଯାଉଥାଏ ଗାଇ ଦେଇ ।

ପଢ଼ିନାହିଁ ଯିଏ ଦୁଃଖ ଦିନଲିପି
କେମିତି ବୁଝିବ ତାକୁ
ଦୁଃଖ ବେଳରେ ଅସହାୟ ହୋଇ
ଈଶ୍ୱରଙ୍କୁ ଆମେ ଡାକୁ ।

ଆସ ଆସ ଦୁଃଖ ଆମେ କଥାହେବା
ମୁଁ ଜାଣେ କହିବ ତୁମେ
ସୁଖ ପରେ ଦୁଃଖ ଦୁଃଖ ପରେ ସୁଖ
ଆସଇ ମରତ ଭୂମେ ।

❤ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ସନେଟ୍‌ରେ ଜହ୍ନ

### ମଧୁମିତା ମିଶ୍ର



ତାରକା ବଳୟେ ଅନ୍ଧାର ରାତିରେ ଟିକିଏ ତୁ ହସିଦେଲେ
ହସିଦିଏ ଧରା ପଦ୍ମ କଇଁ ପରା ମଳୟେ ନାଚି ଦୋହଲେ
ସରୋବର କୂଳେ ପ୍ରେମୀଯୁଥ ମେଳେ ଖେଳେ ଉତ୍ତାଳ ତରଙ୍ଗ
ନଈ ପରେ ନାଚେ ତରଣୀ ଖୁସିରେ ଦେଖି ତୋ ଉଜ୍ଜ୍ୱଳ ରଙ୍ଗ

କୁଆଁରୀ ମନର ଛନଛନ ଭାବ ଖୋଜୁଥାଏ ତୋ ରୂପକୁ
ଜୋଛନା ଢାଳିଲେ ଅଳ୍ପ ହସିଦେଇ ଆସେ ଚଉରା ମୂଳକୁ
ରଙ୍ଗ ତୂଳୀ ଧରି ଚିତ୍ରକର ଆଙ୍କେ ମନ ଗହନର ଛବି
ଶବ୍ଦ ଗୁନ୍ଥିଦେଇ କଲମ ମୁନରେ ସଜାଏ ଲେଖକ କବି

କେବେ ତୁ ପ୍ରେମର ପ୍ରତୀକଟେ ସାଜି କଡୱାଚୌଥରେ ହସୁ
ଗଣେଶ ଚତୁର୍ଥୀ ରାତିରେ ତୁ ପୁଣି ଅଭିଶପ୍ତ ଜ୍ୟୋତି ବର୍ଷୁ
ପୁନେଇଁ ରାତିର ତୋଫା କିରଣରେ ପୂଜ୍ୟ ଦେବ ସାଜିଥାଉ
ଅମାବାସ୍ୟା ନିଶି ଆସିଲେ ପୁଣି ତୁ ସମ୍ପୂର୍ଣ୍ଣ ବିଲିପ୍ତ ହେଉ

ସାଗର ପ୍ରେମିକ ବାଦଲ ବାଧକ ଜହ୍ନମାମୁଁ ତୁ ଆମର
ଲାଗିଲେ ଗ୍ରହଣ ମୁହଁକୁ ଲୁଚାଇ ହଜୁ ହୋଇ ସାତପର ।

❤ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

## ଭିଡ ଭିତରେ ଭକତ

### ସରସ୍ୱତୀ ମେହେର



ଭିଡ ଭିତରେ ଭକତ
ଭକତ ଭିତରେ ଜଣେ ମୁଁ
କହରେ କାଳିଆ କାହିଁକି
ଲୁଚକାଳି ଖେଳ ମୋ ସାଥିରେ ଖେଳୁଛୁ ତୁ ।
ତତେ ଦେଖିବାକୁ ମୋ ମନ ବିକଳ
କେତେ ଆଉ ଲୁଚିବୁରେ ଗୋପାଳ
କହି ଦେ କହ୍ନେଇ, କେବେ ଦେବୁ ଦେଖା
ହେ ମୋର ପରାଣ ଧନ, ମୋ ମନର ସଖା ।
ତୁମ ଦରଶନେ ଲଭିଯିବି ମୋକ୍ଷ
ହେ ଦାରୁବ୍ରହ୍ମ ହେ ହିରଣ୍ୟାକ୍ଷ ବିଦାରକ

ମନ ହେଲାଣି ଅଥୟ, ହେ ଲକ୍ଷ୍ମୀକାନ୍ତ
ଥରୁଟିଏ ଦେଖା ଦିଅ, ହେ ସୃଷ୍ଟି ପାଳକ ।

❤ ଯୋଗିବାହାଲ, ସିନାପାଲି



## ଲେଖୁଛି ତୁମରି ନାମ

### ସୁଧାଂଶୁ ଶେଖର ଦ୍ୱିବେଦୀ

ସମୟ ଶୀଳାରେ
ସୂର୍ଯ୍ୟ ରଶ୍ମିରେ
ଲେଖୁଛି ତୁମରି ନାମ
ଜଗତ କହେ
ଧରିତ୍ରୀର ଉତ୍ତରାଧୀକାରୀ
ସମସ୍ତେ କୁହନ୍ତି ରାମ ।

ବାମନରୁ ବିରାଟଯାଏ
ସଭିଙ୍କର ସେ ପାଳନକାର୍ତ୍ତା
କରୁଣାସାଗର ଆର୍ତ୍ତଜନଙ୍କ
ଦୁଃଖିଙ୍କର ଭାଗ୍ୟବିଧାତା
ମର୍ଯ୍ୟାଦାର ଶିଖର କଳ୍ପନା
ପାଇଥାଏ ଯେଉଁଠି ବିରାମ ।

ସତ୍ୟ, ନ୍ୟାୟ, ସନାତନ ଧର୍ମ
ମୃଣ୍ମୟ ଆଦର୍ଶ
ସେ ହିଁ ଶ୍ରେଷ୍ଠ ଧନୁର୍ଦ୍ଧର
ତାଙ୍କପାଇଁ ପ୍ରକାଶିତ ଭାରତବର୍ଷ
ମୃଦୁ ସଂସ୍ପର୍ଶରେ
ଦଣ୍ଡକାରଣ୍ୟ ହେଇଗଲା ଧାମ ।

ମାନବତାର ମାନସରୋବର
ସ୍ୱର୍ଣ୍ଣିମ ଜଗତସାରା
ସୂଚିତ କରେ ସଭିଙ୍କ ମନେ
ତୁମେ ହିଁ ପରିଭାଷା ରାମ
ସାରା ପୃଥିବୀ ରାମାୟଣରେ
ସର୍ଜିତ ବିଶ୍ୱଗ୍ରାମ ।

❤ବିସି-୭୪,
ସଲଟ ଲେକ, କଲକାତା-୬୪
ମୋ: ୯୬୮୧୩୭୩୫୧୨

## ବର୍ଷୁକୀ ଶ୍ରାବଣ

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ମେଘ ମେଦୁରିତ ଆକାଶ ଭଳି
ଗୁରୁ ଗମ୍ଭୀର ତା'ର ମୁଖ ମଣ୍ଡଳ
ବର୍ଷୁକି ଶ୍ରାବଣ ପରି ଆଖି ଦୁଇଟି ଛଳ ଛଳ
ଅନାୟାସେ ଯେମିତି ବର୍ଷିଯିବ
ଅବାରିତ ଅଶ୍ରୁଜଳ ।

କୁଆଁରୀର ସରଳ ମନରେ
ଫୁଲ ପରି କଅଁଳ ଦେହରେ
ପଦ୍ମଫୁଟା ପୋଖରୀ ତୁଠରେ
ବେଳ ବୁଡ଼ା ମୁହଁ ଅନ୍ଧାରରେ
କାହିଁ ଲୁଚିଥିଲା କାଳ ସର୍ପ
ଅତର୍କିତ କରିଲା ଦଂଶନ ।

ବୋଳିଦେଲା ସର୍ବାଙ୍ଗ ଶରୀରେ
କଳଙ୍କର ବିଷ ଥାପି ଦେଲା
ଧର୍ଷଣର କାମନା ଅନଳ ।

❤ଫ୍ଲାଟ୍ ନମ୍ବର -୧୦୧,
ପ୍ରକାଶ ଦୀପ ଟାୱାର, ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## ନଳବଣ

### ଦୀପକ କୁମାର ମିଶ୍ର



ଶୀତ ସରୁ ନସରୁଣୁ ଫେରିଯିବେ
ସାଇବେରିଆର ସବୁତକ ପକ୍ଷୀ
ଯେମିତି ସେମିତି ପୂର୍ବବତ୍
ଖାଁ ଖାଁ ଲାଗିବ ନଳବଣ
ପ୍ରତୀକ୍ଷାର ଅନ୍ତଃହୀନ ଦିଗନ୍ତକୁ ଚାହିଁ
କାନ୍ଦୁଥିବ କେହି ଜଣେ
ଗୁମସୁମ ଗୁମୁରି ଗୁମୁରି ।

ସବୁ ନିର୍ଘଣ୍ଟ ନିର୍ଦ୍ଧାରିତ
ପର ହେଉ କି ପାଦ, ବାଟ ହେଉ କି ନଭ
କୁହୁଡ଼ିଆ ଆଖିରେ
ଫେରି ଚାହିଁବାକୁ ଇଚ୍ଛା ହୁଏନି
ବିସ୍ତିର୍ଣ୍ଣ ଚିଲିକାର ସୁନେଲି ଅତୀତ ।

କିଚିରମିଚିର ଶବ୍ଦଶୁଣା
ଏବେକାର କାଳକ୍ଷେପଣ ନୀତିରେ
ଆତ୍ମନିବେଦିତ ଏକ କ୍ଷୁଦ୍ର ଉପନ୍ୟାସ

ଏକ ଉଦବେଳିତ ଔପଚାରିକତାର
ସୁନ୍ଦର ସ୍ମୃତିଚାରଣଟିଏ ମାତ୍ର ।

ଏବେ ତ ଘଡ଼ିଘଡ଼ି ଋତୁ ପରିବର୍ତ୍ତନ
ଫକ୍ କିନା ଡେଉଁଡେଉଁ
ଉଡ଼ିଯାଏ ତତକ୍ଷଣାତ ପକ୍ଷୀର ଶାବକ
ଆଖି ପତେଇ ଅନେଇଥାଏ
ହତଶ୍ରୀ ଚିଲିକାର ନିସ୍ୱ ନଳବଣ ।

❤ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ମନ ବଗିଚାର ଫୁଲ

### ନିହାରିକା ପ୍ରଧାନ



ସ୍ୱଚ୍ଛ ପବିତ୍ର ଭାବନାରେ ଆମ
ମନ ସଦା ପୁଲକିତ
ଅନ୍ତରରେ ଫୁଟା ସ୍ନିଗ୍ଧ କମଳ
ପରଶରେ ସମ୍ମୋହିତ ।

ନବ କଦମ୍ବର ବାସ୍ନା ଝରିପଡେ
ମହକିତ ହୁଏ ଧରା

ଚାହାଣୀରେ ତୁମ ମଧୁ ଝରିଯାଏ
ପରାଣ ହୁଏ ଅଧିରା ।

ପ୍ରତ୍ୟକ୍ଷରେ ତୁମ ଅନୁଭବ ହେଲେ
ପ୍ରାଣେ ଭରେ ମଧୁହସ
ତୁମରି କରୁଣା ଝରିଯାଏ ଓଠେ
ପାଏ ତୁମ ନାମ ରସ ।

ଆହା କି ସୁନ୍ଦର ଏ ମନ ବଗିଚା
ଫୁଲ ମୁହିଁ ପ୍ରସ୍ଫୁଟିତ
ତୁମ ସୁରଭିରେ ସୁରଭିତ ହେଉ
ଏଇ ଆମର ଜଗତ ।

❤ଶିକ୍ଷୟତ୍ରୀ, ଜୟପୁର
ମୋ: ୭୯୭୮୮୩୨୫୪୫

## ପାଣିଭାର ନେଇ ଯାଉଛି ମୁହିଁ

### ଶିଶିର କୁମାର ପଣ୍ଡା



ଯାଉଛି ଆରଡ଼ି ବାଟ ଦିଅ ଛାଡ଼ି
ଶିବଙ୍କର ମୁହିଁ ଭକତ
ଅଖିଆ ଅପିଆ ଧ୍ୟାନକରି ଚାଲେ
ମନୋବଳ ଅଛି ଶକତ ।
ବରଷା ହେଉଛି ଟୁପୁରୁ ଟୁପୁରୁ
ପାଣିଭାର ଅଛି କାନ୍ଧରେ
ଶିବଙ୍କର ଭୋଗ କହି ମୁଁ କେବେବି
ପଡ଼ିବିନି ନିଶା ଫାନ୍ଦରେ ।
ଲୋକ ଦେଖାଣିଆ ଡାକ ଛାଡ଼ି ଛାଡ଼ି

ଯିବିନାହିଁ ସାଙ୍ଗ ମେଳରେ
ସବୁ ନୀତି ଆଉ ନିୟମ ପାଳିବି
ପାଣିଭାର ନବା ବେଳରେ ।
ନଯିବି ପଛକେ ନଯିବି ନାହିଁ ମୁଁ
କ୍ଷତି ହେବନାହିଁ କାହାର
ଯଦି ଯିବି ସବୁ ନିୟମ ମାନିବି

ନ ହେଲେ ଧରମ ପାହାର ।
ମଙ୍ଗଳ କରିବ ହେ ଶିବ ଠାକୁର
ମିନତୀ ତୁମରି ପାଖରେ
ଦରକାର ବେଳେ ପହଂଚିବ ଆସି
ଏଇ ଭକତର ଡାକରେ ।

❤କୁଆଁସ, ମେରଦା କାଟିଆ, ଯାଜପୁର
ମୋ :୮୯୮୧୭୩୭୨୨୮

## ବିଶ୍ୱାସ

### ମୋହନ କୁମାର ସ୍ୱାଇଁ



କଥାକାର ଜାଣେନାହିଁ
ମୂର୍ତ୍ତି କେବେ ଶୁଣି ପାରେ ନାହିଁ ।
ଦେଇ ପାରେନାହିଁ କୋଉବି
ଆପତ୍ତି ଅଭିଯୋଗ, ପ୍ରଶ୍ନର ଉତ୍ତର
ମାଗିଚାଲିଥାଏ ନ ମିଳିବାଯାଏ
ଖାଲି ହାତେ ଫେରିବା ପରେବି

ଦୋହରାଉଥାଏ ମୋହାବିଷ୍ଟ
ପ୍ରକୃତି ନିଜର ।

ତାକୁ କେହି ବୁଝେଇ ପାରେନି,
ଅଚଳ ହାତ ଦେଇ ଜାଣିନାହିଁ
ସୀମାଞ୍ଚଳେ ଦେଇଥିବା ବାଳ
ପ୍ରାପକଟି ପାଇଛି କି ନାହିଁ
ପୁନଶ୍ଚ,

କାନକୁହା କଥା
କେବେ ଭୁଲି ପାରେ ନାହିଁ ।
ସେ ହୃଦବୋଧ କରିଛି
ତା ହାତଢଳା କ୍ଷୀର, ମାଟି ପିଏ
ତା ଅର୍ପଣ ଫଳ
ନିଜ ପାଟି ଖାଏ
ତଥାପି,
ତଥାପି ସନ୍ତୋଷ ତାକୁ ତୃପ୍ତି ଦିଏ
କେହି ଯେମିତି ଟାଣିନେଇ ତାକୁ
ଚଟାଣରେ ମଥା ପିଟି ଦିଏ ।

❤ବେଣାପୁର,
କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

# ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟରେ ଜାତୀୟ କର୍ମଶାଳା ଆୟୋଜିତ



ବାରିପଦା , ୨୮/୦୭ (ନି.ପ୍ର): ମହାରାଜାପୁର ସ୍ଥିତ ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମେନଜେମେଣ୍ଟ ର ଆଇ କ୍ୟୁ ଏ ସି ସେଲ ଓ ଅଖିଳ ଭାରତୀୟ ଅଲିଚିକି ଛାତ୍ର ସଙ୍ଘ ରମିଳିତ ଅନୁକୂଲ୍ୟରେ ଏକ ଦିନିକିଆ ଜାତୀୟ କର୍ମଶାଳା ମହାବିଦ୍ୟାଳୟ ର ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଅଧିବେଶନ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ନାୟକଙ୍କ ଆବାହକତ୍ୱ ରେ ସକାଳ ୯ ଟା ରେ ଆରମ୍ଭ କରାଯାଇଥିଲା । ସାନ୍ତାଳୀ ରୀତି ନୀତି ସହ ପୂଜା ଓ ବନ୍ଦାପନା କରି ସମସ୍ତ ଅତିଥିଙ୍କୁ ମଞ୍ଚ କୁ ସ୍ୱାଗତ କରାଯାଇଥିଲା । ପ୍ରଥମ ଅଧିବେଶନ ରେ ଅଖିଳ ଭାରତୀୟ ଅଲିଚିକି ଛାତ୍ର ସଙ୍ଘ ର ସଭାପତି ଶ୍ରୀ ସିରୁ ସୋରେନ ସଭାପତିତ୍ୱ କରିଥିଲେ । ଏଥିରେ ମହାରାଜା ପୂର୍ଣଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ୍ୟା ପଦ୍ମଶ୍ରୀ ଡ଼ ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାନ୍ତାଳୀ ଭାଷାରେ ପାଠ ପଢ଼ୀ ସର୍ବ ଭାରତୀୟ ସ୍ତରରେ କିପରି ବିଭିନ୍ନ କ୍ଷେତ୍ର ରେ ଆଗୁଆ ହୋଇ ପାରିବେ ତାର ଉପାୟ କହିବା ସହ ଗବେଷଣା ମୂଳକ ଶିକ୍ଷାକୁ ଗୁରୁତ୍ୱ ଦେବାକୁ କହିଥିଲେ । ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗ ର ମୁଖ୍ୟ ପ୍ରଫେସର ଡ଼ ଯତୀନ୍ଦ୍ର ନାଥ ବେଶ୍ରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସାନ୍ତାଳୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଭିନ୍ନ ପାଠ୍ୟ ବିଷୟ, ଦେଶ୍ୱଦେଶ ରେ ବିଶ୍ୱବିଦ୍ୟାଳୟ ରେ ଥିବା ସୁଯୋଗ ସମ୍ପର୍କ ରେ ନିଜର ବକ୍ତବ୍ୟ ରଖିଥିଲେ ।ଭାରତ ଜକତ ସାନ୍ତାଳୀ ପାଠୁଆ ଗାଉଁଟା (ବି ଜେ ଏସ ପି ଜି) ସଂଗଠନ ର ପର୍ଶ୍ଚିମବଙ୍ଗ ମୁଖ୍ୟ ଶ୍ରୀ ବିନୋଦ ମାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅଲିଚିକି ଭାଷା ଆନ୍ଦୋଳନ ର ଇତିହାସ ସମ୍ପର୍କ ରେ ମତ ପୋଷଣ କରିଥିଲେ । ଅନ୍ୟମାନଙ୍କ ମଧରେ ହୁଲ ସନ୍ଦେଶ ସାପ୍ତ କମିଟି ର ପର୍ଶ୍ଚିମବଙ୍ଗ ସଭାପତି ଶ୍ରୀ ବିମଲ ଚନ୍ଦ୍ର ସୋରେନ, କୀସ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ସହକାରୀ ପ୍ରଫେସର ଡ଼ ସୁନାରାମ ସୋରେନ, ହୁଲ ସନ୍ଦେଶ ସାପ୍ତ କମିଟି ପର୍ଶ୍ଚିମବଙ୍ଗ ଶାଖାର ସମ୍ପାଦକ ଶ୍ରୀ ହେମନ୍ତ ହେମ୍ବ୍ରମ, ଏମ ସି ଏ ଏମ ର ଆଇନ ଅଧାପକ ଜ୍ଞାନରଞ୍ଜନ ପଣ୍ଡା, ଫକୀର ମୋହନ ବିଶ୍ୱବିଦ୍ୟାଳୟ ର ସାନ୍ତାଳୀ ଅଧାପିକା ସୁମିତ୍ରା ଟୁଡ୍ଡୁ, ଏମ ସି ଏ ଏମ ର ସାନ୍ତାଳୀ ବିଭାଗ ଅଧାପକ ଶ୍ରୀ ସିରାମ ଟୁଡ୍ଡୁ, ରାଇରଙ୍ଗପୁର ର ବରିଷ୍ଠ ଓକିଲ ଶ୍ରୀ ମାଝ ମୁର୍ମୁ,ଅଖିଳ ଭାରତୀୟ ଅଲିଚିକି ଛାତ୍ର ସଂଘଠନର ସମ୍ପାଦକ ଶ୍ରୀ ମଝିଆ ମାରାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାନ୍ତାଳୀ ଭାଷା ର ଉନ୍ନତି, ଏହାର ସଂସ୍କୃତି ଓ ଭବିଷ୍ୟତ ବିଷୟରେ ନିଜ ନିଜ ର ମତ ଉପସ୍ଥାପନ କରିଥିଲେ । ଅଧାପକ ଡ଼ ଠାକୁରା ଚରଣ ମାରାଣ୍ଡି ଅତିଥି ପରିଚୟ ଦେଇଥିବା ବେଳେ ଅଲିଚିକି ଭାଷା ର ଶିକ୍ଷକ ଶ୍ରୀ ବାଧ ମୁମୁ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନ ବା ଟେକ୍ନିକାଲ ସେସନ ଦିନ ୧୧ ରେ ଆରମ୍ଭ ହୋଇଥିଲା । ତିନୋଟି ଗ୍ରୁପ ରେ ଭାଗ କରାଯାଇ ଛାତ୍ରଛାତ୍ରୀ ମାନଙ୍କୁ ସାନ୍ତାଳୀ ଭାଷା ର ପ୍ରୟୋଗ ଉପରେ ଶିକ୍ଷା ଦିଆଯାଇଥିଲା । ଅପରାହ୍ନ ୨ ଟାରୁ ୫ ଟା ପର୍ଯ୍ୟନ୍ତ ତୃତୀୟ ଅଧିବେଶନ ଆରମ୍ଭ କରାଯାଇଥିଲା । ଏଥିରେ ସାନ୍ତାଳୀ ବ୍ୟାକରଣ, ସଂସ୍କୃତି ,ଲେଖନ ପଦ୍ଧତି, ଉଚ୍ଚ ଶିକ୍ଷ୍ୟା ରେ ଏହାର ବ୍ୟବହାରିତା ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ସର୍ବଶେଷରେ ସାନ୍ତାଳୀ ଛାତ୍ରଛାତ୍ରୀ ମାନେ କବିତା ଆବୃତ୍ତି କରିଥିଲେ । ଏହି ଜାତୀୟ କର୍ମଶାଳା ରେ ଓଡିଶା, ପର୍ଶ୍ଚିମବଙ୍ଗ, ଝାରଖଣ୍ଡ ରାଜ୍ୟ ବିଭିନ୍ନ ମହାବିଦ୍ୟାଳୟ ର ୪୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ ର ଅଧାପକ ରଂଜିତ ମାରାଣ୍ଡି, ସସ୍ମିତ ମିଶ୍ର, ଅଧାପିକା ଲକ୍ଷ୍ମୀ ଚାପିଆର, କବିତା ସାହୁ, ପ୍ରତିଭା ଦାସ, ଅଭିଲିପ୍ସା ଗିରି, କିରଣବାଳା ବାସ୍କେ, ସୁଜାତା ପାଲ, ତୃପ୍ତି ଦାସ, ରୀନା ମହାନ୍ତ ପ୍ରଭୃତି ସହାୟତା କରିଥିଲେ ।

## ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ନିର୍ବାଚନ ଅନୁଷ୍ଠିତ

ମାଲକାନଗିରି, ୨୮/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟଳୟରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଶାଖା ସଭାପତି ମଦନ ମୋହନ ନାୟକ ଏବଂ ସମ୍ପାଦକ ନବିନ ମାଦଳା ଯୋଗ ଦେଇ ନିର୍ବାଚନ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଉପସ୍ଥିତ ସମସ୍ତ ସଦସ୍ୟ ମାନେ ନିର୍ବାଚନ ପ୍ରକ୍ରିୟା କରି ସର୍ବ ସମ୍ମତି କ୍ରମେ ମନୋନୀତ ପ୍ରକ୍ରିୟା କରିବାକୁ ନିର୍ବାଚନ ଅଧିକାରୀ ଦ୍ୱୟଙ୍କୁ ଜଣାଇଥିଲେ । ଏହି ପ୍ରସ୍ତାବକୁ ନିର୍ବାଚନ ଅଧିକାରୀ ମାନେ ଗ୍ରହଣ କରି ମାଲକାନଗିରି ଜିଲ୍ଲା ଶାଖା ସଭାପତି ଭାବେ ଦୁଷ୍ମନ୍ତ କୁମାର ଜେନା, ଉପ ସଭାପତି ଭାବେ ଲମ୍ବୋଦର ଡୁରୁକ, ସମ୍ପାଦକ ରୂପେ ସାମ୍ବାଦିକ ଅଶୋକ ମିଶ୍ର, ଯୁଗ୍ମ ସମ୍ପାଦକ ରୂପେ ପ୍ରମୋଦ କୁମାର ସେନାପତି, ସଂଗଠନ ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ, କୋଷାଧକ୍ଷ ଚିତ ରଞ୍ଜନ ସରକାର ମନୋନୀତ ହୋଇଥିଲେ ।

# ନୀଳଗିରି ଗଡ଼ଜାତ ସେନା ପକ୍ଷରୁ ବିଶାଳ ରକ୍ତଦାନ ଶିବିର: ୧୦୫ ୟୁନିଟ ରକ୍ତସଂଗ୍ରହ



ନୀଳଗିରି , ୨୮/୦୭ (ନି.ପ୍ର): ନୀଳଗିରି ଗଡ଼ଜାତ ସେନା ଏବଂ ବାଲେଶ୍ୱର ମାରୁଆଡି ଯୁବମଞ୍ଚ ତରଫରୁ ୨୭ତାରିଖ ରବିବାର ନୀଳଗିରି ନିଜଗଡ ସ୍ଥିତ ଆଦିବାସୀ ଶିକ୍ଷଣ ସାଧନକେନ୍ଦ୍ର ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରୁ ମୋଟ ୧୦୫ୟୁନିଟ ରକ୍ତସଂଗ୍ରହ କରାଯାଇଥିବା ସୂଚନା ମିଳିଛି । ପୂର୍ବାହ୍ନ ୯ଘଟିକା ସମୟରେ ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକ ଉପସ୍ଥିତ ରହି ଶିବିରକୁ ଫିତାକାଟି ଉଦ୍ଘାଟନ କରିଥିଲେ । ନୀଳଗିରି ଅଞ୍ଚଳରୁ ବହୁଯୁବକ ଉପସ୍ଥିତ ରହି ରକ୍ତଦାନ କରିଥିବା ବେଳେ ଡ଼ାକ୍ତର ତ୍ରିନାଥ ପାଲଙ୍କ ତତ୍ତ୍ୱାବଧାନରେ ଟେକନିସିଆନ ସରୋଜ ପଶା, ରାଜେଶ ଦାସ, ନର୍ସିଂଷ୍ଟାପ ମଞ୍ଜରୀ ବେହେରା, ସଂଗ୍ରାମ ମହାପାତ୍ର, ଗତିକୃଷ୍ଣ ମହାନ୍ତି, ରାଜେନ୍ଦ୍ର ବେହେରା ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରେ ନୀଳଗିରି ଗଡ଼ଜାତ ସେନାର ସଭାପତି ନିଗମ ମହାପାତ୍ର, ଉପସଭାପତି ଜୟନ୍ତ ପାତ୍ର, ସମ୍ପାଦକ ହିମାଂଶୁ ପୃଷ୍ଟି, ଆଇନ ଉପଦେଷ୍ଟା ସଞ୍ଜୟ ଜେନା, ପରାମର୍ଶଦାତା ଡ଼ଃ ଓମପ୍ରକାଶ ପଣ୍ଡା, ସଦସ୍ୟ ଅମୀୟ ଖମାର, ଚନ୍ଦନ କୁମାର ଦାସ, ସୁରେଶ ପୁଥାଳ, ଜୟରାମ ପାତ୍ର, ବୁଲବୁଲ ପଣ୍ଡା, ବିଜୟ ସିଂ, ଗଣେଶ୍ୱର ବିଶ୍ୱାଳ, ଚନ୍ଦ୍ରଶେଖର ମହାଳିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଖଇରା ପୋଲିସ ପ୍ରଚେଷ୍ଟାରେ ମା' କୋଳକୁ ଶିଶୁ ଫେରିଲା

ଖଇରା, ୨୮/୦୭ (ନି.ପ୍ର): ଖଇରା ପୋଲିସର ପ୍ରଚେଷ୍ଟା ପରେ ବାଲେଶ୍ୱର ଜିଲା ଖଇରା ଥାନା ନୟାଖଣ୍ଡି ପଞ୍ଚାୟତ ଅଧୀନ ସୁନ୍ଦରପୁର ଗ୍ରାମର ମୌନାବତୀ ଓଝା ତାଙ୍କର ୨ବର୍ଷର ଶିଶୁକନ୍ୟାକୁ ଫେରି ପାଇଛନ୍ତି । ମୌନାବତୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଦହିସିଂ ଗ୍ରାମରେ ବିବାହ କରିଥିଲେ । ସ୍ୱାମୀ କହ୍ନେଇ ଓଝାଙ୍କ ସହ ମନୋମାଳିନ୍ୟ ପରେ ଗର୍ଭବତୀ ଥିବା ମୌନାବତୀ ନିଜର ପ୍ରଥମ କନ୍ୟା ସନ୍ତାନ(୨ବର୍ଷ)କୁ ଧରି କିଛି ଦିନ ତଳେ ସୁନ୍ଦରପୁର ବାପଘରକୁ ପଳାଇ ଆସିଥିଲେ । ଜୁଲାଇ ୨୧ତାରିଖରେ ଖଇରା ମେଡିକାଲରେ ମୌନବତୀଙ୍କର ପୁତ୍ର ସନ୍ତାନ ଜାତ ହୋଇଥିଲା । ଘଟଣା କ୍ରମେ ମୌନାବତୀ ଙ୍କର ସ୍ୱାମୀ,ଶ୍ୱଶୁର ନବଜାତକକୁ ଦେଖିବାକୁ ଖଇରା ମେଡିକାଲ ଆସିଥିବା ବେଳେ ୨ବର୍ଷର ନାତୁଣିକୁ ଚକୋଲେଟ ଦେବା ବାହାନାରେ ସଙ୍ଗରେ ଧରି ଦହିସିଂ ପଳାଇଥିଲେ । ଏ ସମ୍ପର୍କରେ ଜାଣିବା ପରେ ମୌନାବତୀଙ୍କ ମା ସରସ୍ୱତୀ ଓଝା ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ସଞ୍ଜିବ ଲୋଚନ ଖୁଣ୍ଟିଆ ଏକ ଟିମ ସହ ଶନିବାର ଭଦ୍ରକ ଯାଇ ଗ୍ରାମାଞ୍ଚଳ ଥାନା ପୋଲିସ ସହଯୋଗରେ ଦହିସିଂ ଗ୍ରାମକୁ ଯାଇ ୨ବର୍ଷର କନ୍ୟାକୁ ଉଦ୍ଧାର କରିଥିଲେ । ଏବଂ ଶନିବାର ସନ୍ଧ୍ୟାରେ ଉକ୍ତ କନ୍ୟା ସନ୍ତାନକୁ ମା ମୌନାବତୀ ଓ ଆଇ ସରସ୍ୱତୀକୁ ହସ୍ତାନ୍ତର କରିଛନ୍ତି ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଜଳେଶ୍ୱର, ୨୮/୦୭ (ନି.ପ୍ର): ଜଳେଶ୍ୱର ବ୍ଲକ ସୂଗୋ ପଂଚାୟତ ବଣିଦା ଗ୍ରାମର ୱାର୍ଡ ୧୫ ରେ ସ୍ୱର୍ଗତ ଯତୀନ୍ଦ୍ର ନାଥ ରଣା ଙ୍କ ପୁତ୍ର ଗଣେଶ ଚନ୍ଦ୍ର ରଣା (୪୮) ରବିବାର ସକାଳ ୧୦ ଘଟିକା ସମୟରେ ଚାଷ କ୍ଷେତ କୁ କାମ ପାଇଁ ଯାଇଥିଲେ କିନ୍ତୁ ଦିନ ୨ ଘଟିକା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଘର ଲୋକ ତାଙ୍କୁ ଖୋଜି ଖୋଜି ବିଲରେ ପହଞ୍ଚି ଥିଲେ ଏବଂ ବିଲରେ ସୋଇ ରହିଥିଲେ ଏବଂ ତାଙ୍କୁ ଉଠେଇ ଡାକ୍ତରଖାନା ନେବା ସମୟ ରେ ତାଙ୍କ ପେଟ ତଳୁ ଏକ ବୁଢ଼ା ସାପ ନାମକ ସାପ ବାହାରି ପଳେଇ ଯାଇଥିଲେ । ଘର ଲୋକ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଗୋପୀ କିଶନ ସରକାରି ହସ୍ପିଟାଲ୍ କୁ ନେଇଥିଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତେଣୁ ଘର ଲୋକ ସାପ କାମୁଡ଼ିଥିବା ହେତୁ ମୃତୁ ବରଣ କରିଛନ୍ତି ବୋଲି ଘର ଲୋକ ସନ୍ଦେହ ପ୍ରକାଶ କରୁଛନ୍ତି । ଘରେ ତାଙ୍କର ସ୍ତ୍ରୀ ଏବଂ ଦୁଇଟି ଛୋଟ ଝିଅ ଗୋଟେ ୧୨ ବର୍ଷ ଏବଂ ୫ ବର୍ଷ ଝିଅ ରହିଛନ୍ତି ।ବାପାଙ୍କୁ ହରେଇ ସେମାନେ ଭାଙ୍ଗିପଡ଼ିଛନ୍ତି ।ଏହି ମୃତ୍ୟୁ ଖବର ଶୁଣି ପଂଚାୟତର ସଦସ୍ୟ ପ୍ରତିନିଧି ସଂଜୟ ମହାନ୍ତି, ସଦସ୍ୟା ଅନିତା ମହାନ୍ତି,ତଥା ଗ୍ରାମବାସୀ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ।

# ବନ୍ୟା ଜଳ ହ୍ରାସ ସତ୍ତ୍ୱେ ଲୋକଙ୍କ ଦୁର୍ଦ୍ଦଶା ଟଳିନି



ଲଙ୍ଗଳେଶ୍ୱର , ୨୮/୦୭ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ଜଳ ସ୍ତର ଆଜି ହ୍ରାସ ପାଇଛି । ଏବେ ନଦୀରେ ଜଳ ସ୍ତର ଜଳେଶ୍ୱର ବ୍ଲକ ରାଜଘାଟ ଠାରେ ୧୦. ୧୫ମି ରହିଛି ।ଏଠାରେ ସତର୍କ ସୂଚନା ୯. ୪୫ ମି ହୋଇ ଥିବାବେଳେ ବିପଦ ସୂଚନା ୧୦. ୩୬ ମିଟର । ଗତକାଲି ଜଳ ସ୍ତର ଯେଉଁ ହାରରେ ବଢୁ ଥିଲା ଆଜି ସେମିତି ନାହିଁ । ଆଜି ମଧ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଘଣ୍ଟୁଆ, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ୯ ଟି ପଞ୍ଚାୟତର ବହୁ ଲୋକ ପାଣି ଘେରରେ ରହିଥିବା ବେଳେ ପାଳ ଚମ୍ପେଇ, ଚଢ଼ ପାଳ ପଡା, ସାନ ମଇଁଷି ଆଡି, ଚଢ଼ ବଡାପାଳ, ମନୁ ନଗର, ବିଷ୍ଣୁପୁର, ରସଲପୁର, ସୁଂଗମୁହଁ, ଚୌଧୁରୀ କୁଦ, କୁହ୍ଲା ଚଢ଼, ତାଳ ପଦା ଆଦି ଗାଁ ଗୁଡିକ ବନ୍ୟା ପାଣି ଘେରରେ ରହିଛି । ଏହି ଗାଁ ଗୁଡିକର ସ୍କୁଲ ଘର, ଅଙ୍ଗନ ୱାର୍ଡି କେନ୍ଦ୍ର, ରାସ୍ତା ଘାଟ ଆଜି ମଧ ପାଣିରେ ରହିଛି । ବନ୍ୟା ର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଓଡ୍ରାଫ ଟିମ, ଅଗ୍ନିଶମ ବିଭାଗ ର ପାୱାର ବୋର୍ଟ ସାହାଯ୍ୟରେ ଲୋକମାନେ ଯା ଆସ କରୁଛନ୍ତି । ବାତ୍ୟା ଆଶ୍ରୟ ସ୍ଥଳୀରେ ଥିବା ଲୋକ ମାନଙ୍କୁ ପ୍ରଶାସନ ତରଫରୁ ଚୁଡା ଗୁଡ଼ ସହିତ ରନ୍ଧା ଖାଦ୍ୟ ମଧ ଦିଆଯାଇଛି । ବ୍ଲକରେ ବନ୍ୟା ଅଞ୍ଚଳ ଲୋକଙ୍କ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୋମ ଖୋଲାଯାଇଛି । ବିଡ଼ିଓ ରାଧା ରଞ୍ଜନ ଦାସ , ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ ପ୍ରମୁଖ ବନ୍ୟା ସ୍ଥିତି ସମୀକ୍ଷା କରିବା ସହିତ ସମସ୍ତ କାର୍ଯ୍ୟକୁ ତଦାରଖ କରୁଛନ୍ତି ।ଗତକାଲି ବସ୍ତା ବିଧାୟିକା ସୁବାସିନୀ ଜେନା ବନ୍ୟା ଅଞ୍ଚଳ ପରିଦର୍ଶନ କରିବା ସହିତ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ ।

# ଗୀତିକାର ଗୁରୁ ଗୌରବ ରବୀନ୍ଦ୍ର କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ



ବାଲେଶ୍ୱର, ୨୮/୦୭ (ନି.ପ୍ର): ଶିକ୍ଷାର ବ୍ୟାପକ ପ୍ରଚାର ପ୍ରସାର ଓ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଘଡିଆ ଉଣ୍ଡିଆନ ଚେରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ୨୦୨୫ ମସିହା ପାଇଁ ମୁଖ୍ୟ ଅତିଥି ଡ. ଅଲେଖ ଚନ୍ଦ୍ର ପଢିଆରୀ ଅବସରପ୍ରାପ୍ତ ପ୍ରାଶାସନିକଙ୍କ ଅଧିକାରୀଙ୍କ ଦ୍ୱାରା ଡ. ରବୀନ୍ଦ୍ର କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ ଭୁବନେଶ୍ୱରସ୍ଥିତ ସହିଦ୍ ନଗର ବିଷ୍ଣୁ ମନ୍ଦିର ସଭା ଗୃହ ରେ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କ ଗହଣରେ ପ୍ରଦାନ କରାଯାଇଛି । ଡ. ରବୀନ୍ଦ୍ର କୁମାର ବିଶ୍ୱାଳ ଜଣେ ବହୁମୁଖି ପ୍ରତିଭାର ଅଧିକାରୀ । ଓଡ଼ିଶାର କୋଣ ଅନୁକୋଣରୁ ପାଇଛନ୍ତି ଅଜସ୍ର ପୁରସ୍କାର ଶିକ୍ଷା ଶ୍ରୀ ସମ୍ମାନ, ଜ୍ଞାନ ଶ୍ରୀ ପ୍ରତିଭା ସମ୍ମାନ,ଗୁରୁ ଗୌରବ ସମ୍ମାନ, କୃତୀ ଶିକ୍ଷକ ସମ୍ମାନ, ଜଗନ୍ନାଥ ରକ୍ଷକ ସମ୍ମାନ, ଜୟଦେବ ଶିକ୍ଷା ସମ୍ମାନ, ଜ୍ଞାନ ଗୁରୁ ସମ୍ମାନ, ଗୀତିକାର ସମ୍ମାନ, କବି ପଦ୍ମ ସମ୍ମାନ, କବି ଗୌରବ ସମ୍ମାନ, ସାହିତ୍ୟ ସାରଥି ସମ୍ମାନ, ସଂସାର ଗୀତ ସମ୍ମାନ ଓ ବଳରାମ ଦାସ ସମ୍ମାନ । ତାଙ୍କର ଲେଖା ଝଙ୍କାର, ଶିକ୍ଷା ପ୍ରଦୀପ , ଉତ୍କଳ ପ୍ରସଙ୍ଗ ସହିତ ଦୂରଦର୍ଶନରେ ଭଜନ ମାନ ଶୁଣିବାକୁ ମିଳିଥାଏ । ସେ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀ, ଫକିରମୋହନଙ୍କ ସାହିତ୍ୟ ପରିଷଦ ବାଲେଶ୍ୱର ଓ ସୋର ଗାଆଁ ମଜିଲିସ ସାହିତ୍ୟ ସଂସଦର ଆଜିବନ ସଦସ୍ୟ । ଏହି ଉପାଧି ପାଇଁ ବୟାକରଣିକ ପଣ୍ଡିତ ନିରଞ୍ଜନ ସାହୁ, ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ଼ ଭାଗବତ ପ୍ରସାଦ ଦାସ, କୃତି ଶିକ୍ଷକ ଅଶ୍ୱିନୀ କୁମାର ମହାନ୍ତି, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ମହାପାତ୍ର, ସଙ୍ଗୀତଜ୍ଞ ସତ୍ୟରଞ୍ଜନ ମହାନ୍ତି ସମେତ ବହୁ ଶିକ୍ଷାବିତ ବୁଦ୍ଧିଜୀବୀ ଡ଼ ରବୀନ୍ଦ୍ର କୁମାର ବିଶ୍ୱାଳଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ବିଜୟଶ୍ରୀ ରାଉତରାୟଙ୍କ ସ୍ମୃତିରେ ମେଧାବୀ ସମ୍ମାନ ସମାରୋହ



ବାସୁଦେବପୁର, ୨୮/୦୭ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ୭୨ ତମ ଜନ୍ମ ଉତ୍ସବ ପାଳିତ ହୋଇ ଯାଇଛି । ବିଜୟ ଶ୍ରୀ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ଏହି ଉତ୍ସବରେ ବିଜୟଶ୍ରୀ ରାଉତରାୟ ମେଧାବୀ ସ୍ମାରକୀ ସମ୍ମାନ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରି ପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ରାଜୁ ଦାସ, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା, ସୋର ବିଧାୟକ ମାଧବ ଚନ୍ଦ୍ର ଧଡା, ଭଦ୍ରକର ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଜଗନ୍ନାଥ ସ୍ୱାଇଁ, ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବାସୁଦେବପୁର ପୌର ପାଳିକା ଅଧକ୍ଷା ନିବେଦିତା ବେହେରା, ଶିକ୍ଷାବିତ୍ ଦୁଃଶାସନ ରାଉତ୍,ତିହିଡି ବ୍ଲକ ଅଧକ୍ଷା ଅବନ୍ତୀ ଲତା ଦାସ, ପୂର୍ବତନ ତିହିଡି ବ୍ଲକ ଅଧକ୍ଷା ବିଦ୍ୟୁତ ଲତା ନାୟକ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ପୂର୍ବତନ ମନ୍ତ୍ରୀ ବିଜୟ ଶ୍ରୀ ରାଉତରାୟଙ୍କ ରାଜନୈତିକ ଜୀବନ ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ବିଜୟଶ୍ରୀ ରାଉତରାୟଙ୍କ ପୁତ୍ର ତଥା ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସମସ୍ତ ଅତିଥି ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ବାପାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ବିଜୁ ଜନତା ଦଳର ଯୁବ ନେତା ଦେବ ଦର୍ଶନ ଦାଶ ଖୁବ୍ ସୁନ୍ଦର ସାହିତ୍ୟ ଓ ଶବ୍ଦ ମାଧମରେ ମଞ୍ଚ ସଂଯୋଜନା କରିଥିଲେ । କବି ଓ ଗୀତିକାର ପୀତାମ୍ବର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବାସୁଦେବପୁର ବ୍ଲକ ଓ ତିହିଡି ବ୍ଲକର ଅଧିକ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର, ଉପଢୌକନ, ଗଛ ଓ ଅର୍ଥ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ବ୍ୟତୀତ ସମାଜସ୍ୱୋ ଅକ୍ଷୟ ମହାନ୍ତି, ଲୁଂଗା ଗ୍ରାମର ଶିକ୍ଷକ ଭାସ୍କର ଚନ୍ଦ୍ର ମଲିକ ଓ ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ରତିକାନ୍ତ ପ୍ରଧାନ ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଓଡ଼ିଶାର ବିଶିଷ୍ଟ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, କବି ସୁଧାଂଶୁ ଶେଖର ମିଶ୍ର, ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା, ଶିବାଜୀ ନାୟକ, ବିଜେଡିର ବରିଷ୍ଠ ନେତା ଯଦୁନାଥ ନାୟକ, ବିଜୁ ଜନତା ଦଳର ବାସୁଦେବପୁର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରଫୁଲ୍ଲ ପଲିତା, ଗୌତମ ସେଠି, ସୂର୍ଯ୍ୟକାନ୍ତ ସେଠି, ଉତ୍ତମ ବାରିକ,ଶଶି ଭୂଷଣ ବାରିକ୍, କାଳନ୍ଦୀ ସାହୁ, ଜଗବନ୍ଧୁ ଖିଲାର, ଶୁଭେନ୍ଦୁ ପୁଷ୍ଟି, ଶରତ ବାରିକ୍, ଚିନ୍ତାମଣି ନାୟକ, ଅଶୋକ ନାୟକ, ରମାକାନ୍ତ ଦାସ, ଜୟରାମ ବେହେରା, ଉମେଶ ଚନ୍ଦ୍ର ନାୟକ, ରାଜେନ୍ଦ୍ର ନାରାୟଣ ନାୟକ, ସୁରେନ୍ଦ୍ର ପ୍ରସାଦ ବେଜ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ପଞ୍ଚାୟତ ଓ ପୌର ପାଳିକା ର ଜନ ପ୍ରତିନିଧି ଓ କର୍ମୀ ଏହି ଉତ୍ସବରେ ଯୋଗ ଦେଇଥିଲେ ଏବଂ ବିଜୟଶ୍ରୀ ରାଉତରାୟଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଶେଷରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଞ୍ଜାମ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଗଂଜାମ, ୨୮/୦୭ (ନି.ପ୍ର): ଗଂଜାମ ଜିଲାର ନୂତନ ଜିଲାପାଳ ଭାବେ ଭି. କୀର୍ତିଭାସନ ଆଜି ଛତ୍ରପୁର ଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ମା ତାରାତାରିଣୀଙ୍କ ପୀଠକୁ ଯାଇ ମା ଙ୍କ ଆଶିଷ ଭିକ୍ଷା କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ବ୍ରହ୍ମପୁରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଅଭିଯୋଗ ସୁଣାଣୀ କାର୍ଯ୍ୟକ୍ରମରେ ମଧ ଯୋଗଦେଇଛନ୍ତି ।

# ବସୁଲୋକ ସେବାସଂସ୍ଥା ଦ୍ୱାରା ମାତୃମହିମା ସମ୍ବନ୍ଧରେ ବକ୍ତୃତା ପ୍ରତିଯୋଗିତା



ଜଳେଶ୍ୱର, ୨୮/୦୭ (ନି.ପ୍ର): ଆଗାମୀ ଭବିଷ୍ୟତ ଛାତ୍ରଛାତ୍ରୀ ମାନଙ୍କୁ ମାତୃତ୍ୱଭାବନାରେ ଉଦ୍‌ବୁଦ୍ଧ କରିବା ନିମନ୍ତେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ଜନକଲ୍ୟାଣ ସଂସ୍ଥା "ବସୁଲୋକ ନ୍ୟାସ" ପକ୍ଷରୁ ଏକ ବକ୍ତୃତା ପ୍ରତିଯୋଗିତା ସମାରୋହ ଆୟୋଜନ କରାଯାଇଅଛି । ଉକ୍ତ ବକ୍ତୃତା ପ୍ରତିଯୋଗିତା ସମାରୋହରେ ଜଳେଶ୍ୱରର ୧୨ ଗୋଟି ବିଦ୍ୟାଳୟର ଏବଂ ୮ଗୋଟି ମହାବିଦ୍ୟାଳୟର ୨୭ଜଣ ଛାତ୍ରଛାତ୍ରୀ ମାନଙ୍କ ମଧରେ ବରିଷ୍ଠବିଭାଗରେ "ମାତୃ ଦେବୋଭବ" ଏବଂ କନିଷ୍ଠ ବିଭାଗରେ "ଆଦ୍ୟ ଗୁରୁ ମୋ ମା" ବିଷୟକୁ ଆଧାରକରି ବକ୍ତୃତା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡ.ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତା ସଭାରେ ମୁଖ୍ୟଅତିଥି ଭାବରେ ବସୁଲୋକ ସମାଜକଲ୍ୟାଣ ସଂସ୍ଥାର ସଭାପତି ଡ.ରାମଚନ୍ଦ୍ର ଦେଓ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନନୀୟ ବିଚାରକ ଭାବରେ ପ୍ରାଧାପକ ଡ.ନୀଳକଣ୍ଠ ଖଣ୍ଡା, ଅଧାପକ ସତ୍ୟମୟ ଆଚାର୍ଯ୍ୟ, ଅଧାପକ ଦେବବ୍ରତ ପ୍ରଧାନ,ପଣ୍ଡିତ ଗିରୀଶକୁମାର ପାଣିଗ୍ରାହୀ, ଅବସର ପ୍ରାପ୍ତଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ବିଶିଷ୍ଟ ଗବେଷିକା ଡ.ପୁଷ୍ପିତା ଦେଓ ଉପସ୍ଥିତ ହୋଇ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କର ଭାଷଣ ମୂଲ୍ୟାୟନ ସହିତ ମାତୃ ମହିମା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ବିଭାଗରେ କିରଣକୁମାର ଦାଶ ପ୍ରଥମ,ସଙ୍ଗୀତା ଜେନା ଦ୍ୱିତୀୟ, ମିଲିସ୍ମିତା ଦତ ତୃତୀୟ,ତଥା ମାରିୟା ସିଂ ସାନ୍ତ୍ୱନାମୂଳକ ସ୍ଥାନ ପ୍ରାପ୍ତ ହୋଇଥିଲେ । ସେହିପରି ଭାବରେ କନିଷ୍ଠ ବିଭାଗରେ ରୂପାଲି ସାମଲ ପ୍ରଥମ,ଜୟପ୍ରକାଶ ପାତ୍ର ଦ୍ୱିତୀୟ, କଚ୍ଛିତା ଶତପଥୀ ତୃତୀୟ,ତଥା ଗାୟତ୍ରୀ ଦାଶ ସାନ୍ତ୍ୱନା ମୂଳକ ସ୍ଥାନ ପ୍ରାପ୍ତ ହୋଇ ଥିଲେ । ପ୍ରତିଯୋଗୀ ମାନଙ୍କୁ ଆସନ୍ତା ୧୬.୦୮.୨୦୨୫ ତାରିଖରେ ଏକ ବର୍ଷାଜ୍ୟସଭାରେ ଅର୍ଥରାଶି, ମୋଫେଟୋ, ପ୍ରମାଣପତ୍ର ଦ୍ୱାରା ସମ୍ମାନୀତ କରାଯିବ ।ଅଧାପକ କାର୍ତିକେଶ୍ୱର ପାତ୍ରଙ୍କର ମଂଚ ଆହ୍ୱାନରେ ଆୟୋଜିତ ସଭାରେ କିରଣକୁମାର ଦାଶ ବେଦପାଠ କରିଥିଲେ । ଅଧାପକ ସମରବଲ୍ଲଭ ସାହୁ ଓ ଅନୁପକୁମାର ପଣ୍ଡା ସଂଯୋଜନା କରିଥିଲେ । ଆଧାପିକା ସୁଜାତାରାଣୀ ଦାଶ ସଂଚାଳନ କରିଥିବାବେଳେ ସଭାରେ ଭୂପତି ଚରଣ ମହାନ୍ତି, ଗଣେଶଚନ୍ଦ୍ର ପରିଡା, ରାଜେନ୍ଦ୍ର ପାତ୍ର. ମଧୁସୂଦନ ଦତ,ବିଜୟ ପ୍ରଧାନ, ପ୍ରମୋଦକୁମାର ପଣ୍ଡା, ରବିନାରାୟଣ ମିଶ୍ର ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ । ପ୍ରଦୀପ କୁମାର ମହାନ୍ତି ଧନ୍ୟାବାଦ ଅର୍ପଣ କରିଥିଲେ ।ସମଗ୍ର କାର୍ଯ୍ୟକ୍ରମ ଅଶୋକକୁମାର ପାଣିଗ୍ରାହୀ,ରାମକୃଷ୍ଣ ଜେନା, ଏବଂ ତ୍ରିଲୋଚନ ବେହେରା ପରିଚାଳନ କରିଥିଲେ ।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ବାଳକ,ବାଳିକା, ପୁରୁଷ ଓ ମହିଳା ଚମ୍ପିୟାନସିପ ଉଦ୍‌ଯାପିତ: ମନୀଷ କୁମାର ପାଲଙ୍କୁ ତ୍ରିମୁକୁଟ




ବାରିପଦା, ୨୮/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୁଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ବାଳକ,ବାଳିକା, ପୁରୁଷ ଓ ମହିଳା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉତଯାପିତ ହୋଇ ଯାଇଛି । ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ଶୁଭାଶିଷ ନାୟକ ଯୋଗଦେଇ ବିଜେତା ଓ ଉପବିଜେତା ମାନଙ୍କୁ ସାର୍ଟିଫିକେଟ ଓ କପ୍ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବାରିପଦା ଉପଖଣ୍ଡରୁ-୯୪, ରାଇରଙ୍ଗପୁର ଉପଖଣ୍ଡରୁ-୩୫ ଓ ଉଦଳା ଉପଖଣ୍ଡରୁ-୧୦ ଓ ସମୁଦାୟ ୧୩୯ ବିଭୀର୍ଣ୍ଣ ବର୍ଗର ଓ ବୟସ ଶ୍ରେଣୀର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଜେତା ମାନେ ସିଧାସଳଖ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗୀତାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ସମ୍ପାଦକ ବିଭୁତି ଭୂଷଣ ଦାସ ଜଣାଇଛନ୍ତି । ବାଳକ ବିଭାଗ ସିଙ୍ଗସ ପ୍ରତିଯୋଗିତାରେ ୧୧ବର୍ଷରୁ କମ ବର୍ଗରେ ବାରିପଦା ଉପଖଣ୍ଡର ବିଶ୍ୱ ଭବ୍ୟଶ ବେହେରା ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ଉତ୍କର୍ଷ ପରିଡା ରନର୍ ଅପ୍, ୧୩ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ସେକ ରୌନକ ରାଜ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ମୟଙ୍କ ସେଠୀ ରନର୍ ଅପ୍, ୧୫ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ମହମଦ ସେକ ତସିଫ ରାଜା ରନର୍ ଅପ୍, ୧୭ ବର୍ଷରୁ କମ ବର୍ଗରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ବୀର ବାହାଦୁର ହେମ୍ବରମ ରନର୍ ଅପ୍, ୧୯ ବର୍ଷରୁ କମ ବର୍ଗରେ- ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଅର୍ଜିତ ଦାସ ରନର୍ ଅପ୍ ହୋଇଥିବା ବେଳେ ବାଳକ ବିଭାଗ ଡବଲ୍ସର ୧୧ବର୍ଷରୁ କମ ବର୍ଗରେ ବାରିପଦା ଉପଖଣ୍ଡର ଆରୁଷ ଗୁରୁଙ୍ଗ ଓ ଲକି ମାରାଣ୍ଡି ଯୋଡି ଚାମ୍ପିଅନ୍ ଓ ବିଶ୍ୱଭବ୍ୟଶ ବେହେରା ଓ ଉତ୍କର୍ଷ ପରିଡା ଯୋଡି ରନର୍ ଅପ୍, ୧୩ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ସ୍ୱସ୍ତିକ ନାୟକ ଓ ସେକ ରୌନକ ରାଜ ଯୋଡି ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଇଶାନ୍ତ ବେହେରା ଓ ସଂକେତ ସାମଲ ଯୋଡି ରନର୍ ଅପ୍, ୧୫ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ଦିବ୍ୟାନଶୁ ସାହୁ ଓ ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଯୋଡି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ପ୍ରତ୍ୟୁଷ କୁମାର ପରିଡା ଓ ଭିରାଜ ନାୟକ ଯୋଡି ରନର୍ ଅପ୍, ୧୭ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ରାଜ ଅଭିଷେକ ପଣ୍ଡା ଓ ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଯୋଡି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ବିଦୂଷ୍ମାନ ବେହେରା ଓ ସୌରୀୟଦୀପ କାରକୀ ଯୋଡି ରନର୍ ଅପ୍, ୧୯ ବର୍ଷରୁ କମ ବର୍ଗରେ- ବାରିପଦା ଉପଖଣ୍ଡର ପ୍ରିୟାନ୍‌ଶୁ ଦାସ ଓ ଅନ୍ୱେଷ ମହାନ୍ତି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ଆୟୁଷ୍ମାନ ପାଢୀ ଓ ସଂବିତ ପାଢୀ ଯୋଡି ରନର୍ ଅପ୍ ହୋଇଥିବା ବେଳେ ପୁରୁଷ ସିଙ୍ଗସ ଫାଇନାଲରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଜୟଜୀତ ଦାସ ରନର୍ ଅପ୍ ଏବଂ ପୁରୁଷ ଡବଲ୍ସ ପ୍ରତିଯୋଗିତାରେ ବାରିପଦର ପୀୟୂଷ ବାରିକ ଓ ଜୟଜୀତ ଦାସ ଯୋଡି ସ୍ୱୟଂ ଭୁବ ମହାନ୍ତି ଓ ଶରତ ରଣା ଯୋଡିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ରେଫରୀ ଭାବରେ ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ, ଦେବାଶିଷ ବେହେରା, ସୋମ୍ୟଜୀତ ବେହେରା, ଆୟୁଷ୍ମାନ ପଟ୍ଟନାୟକ, କୁନୁ ମଣ୍ଡଳ ଓ ସୋମ୍ୟ ରଞ୍ଜନ ପାଣିଗ୍ରାହୀ ସହାୟତା କରିଥିଲେ। ଅନ୍ୟାନ ସଦସ୍ୟ ଭାବରେ ପାର୍ଥ ସାରଥି ସ୍ୱାଇଁ, ଶଶ୍ୱତ କୁମାର ବଳ, ଦୀପକ କୁମାର ପରିଡା, ସୁଦୀପ କୁମାର ଦାସ, ଅଭିଷେକ ସାହୁ, କାର୍ତିକ ବାରିକ, ଉଦୟ ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ଖେଳୁଆଡ ମନବୃତି, ଅବିଭାବକ ମାନଙ୍କ ଉପସ୍ଥିତିକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଅଫିସିଆଲ, କର୍ମକର୍ତା ଓ ସମସ୍ତ ସହଯୋଗୀ ମାନଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ବନିମ୍ନ ପ୍ରଶାସନିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ସାଧାରଣ ଲୋକ: ଆଇଆଇସି ଓ ତହସିଲଦାରଙ୍କୁ ଭେଟିଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ



ଖଇରା, ୨୮/୭ (ନି.ପ୍ର): ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସୋମବାର ନିଜର ଶତାଧିକ ସମର୍ଥକ ଙ୍କ ସହ ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଆଇଆଇସି ସୁଚନ୍ଦ୍ର ମହାଳିକ ଙ୍କୁ ଭେଟି କିଭଳି ସର୍ବନିମ୍ନ ସୁବିଧା ସାଧାରଣ ଲୋକଙ୍କୁ ମିଳି ପାରିବ ସେ ବିଷୟରେ ଆଲୋଚନା କରିଛନ୍ତି । ପ୍ରଥମେ ତହସିଲଦାରଙ୍କୁ ଭେଟି ବର୍ତ୍ତମାନ ଧାନ ଅନଲାଇନ ପଞ୍ଜିକରଣରେ ଚାଷୀ ଭୋଗୁଥିବା ସମସ୍ୟା ପ୍ରସଙ୍ଗ ଉଠାଇ କିଭଳି ରାଜସ୍ୱ ନିରିକ୍ଷକ ମାଧ୍ୟମରେ ବଂଶାବଳୀ ପ୍ରମାଣପତ୍ର ତଥା ଅନ୍ୟାନ୍ୟ ବିଷୟ ରେ ସହଯୋଗ ମିଳିବ ସେଥିପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ବର୍ତ୍ତମାନ ୧୨ଟି ରାଜସ୍ୱ କ୍ଷେତ୍ର ମଧ୍ୟରୁ ୬ କ୍ଷେତ୍ର ରେ ନିରିକ୍ଷକ ନଥିବାରୁ କିଛିଟା ସମସ୍ୟା ସୃଷ୍ଟି ହେଉଥିବା ତହସିଲଦାର କହିଥିଲେ । ପରେ ଶ୍ରୀବେହେରା ଆଇଆଇସିଙ୍କୁ ଭେଟି ବର୍ତ୍ତମାନ ଖଣି ବନ୍ଦ ଥିବା ବେଳେ କିଭଳି ଟନ ଟନ ମାଲ ଚୋରାରେ ଚାଲାଣ ହେଉଛି ସେ ପ୍ରସଙ୍ଗ ଉଠାଇବା ସହ ପାଣିସିଆଳି ଗ୍ରାମରେ ୧୪ବର୍ଷର ନାବାଳିକା ଅପହରଣ ହେବା ର ଦିର୍ଘଦିନ ପରେ ପୋଲିସ ନିରବ ରହିବା ଘଟଣା ସମ୍ପର୍କରେ ପୋଲିସ ତୁରନ୍ତ ଉକ୍ତ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ । ବ୍ଲକ କଂଗ୍ରେସ ସଭାପତି ଶରତ ଦାସ,ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା,ବସନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଏମଏସିବି ବିଶ୍ୱବିଦ୍ୟାଳୟ ନୂତନ ଭାରପ୍ରାପ୍ତ କୁଳପତିଙ୍କ ଯୋଗଦାନ

ବାରିପଦା, ୨୮/୭ (ନି.ପ୍ର): ବାରିପଦା ସହରର ତଖତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୂତନ ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ବିଧୁଭୂଷଣ ମିଶ୍ର ସୋମବାର ଅପରାହ୍ନରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପ୍ରଥମେ ବିଶ୍ୱବିଦ୍ୟାଳୟ ପରିସର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ବିଧିବଦ୍ଧ ଭାବେ ଦାୟୀ ଦାୟିତ୍ୱ ଗ୍ରହଣ କରିବା ପରେ ଏକ ସ୍ୱତନ୍ତ୍ର ଉପସ୍ଥାପନ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ମାନଙ୍କ ସହିତ ସୌଜନ୍ୟମୂଳକ ଭାବେ ଭାବର ଆଦାନ ପ୍ରଦାନ କରିଥିଲେ। ପ୍ରଫେସର ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଥିବା ବେଳେ ତାଙ୍କୁ ଏମଏସସିବି ବିଶ୍ୱବିଦ୍ୟାଳୟରେ ୬ମାସ ପାଇଁ ଅତିରିକ୍ତ ଭାବେ କୁଳପତି ଦାୟିତ୍ୱ ତୁଲାଇବାକୁ କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭପତି ତାଙ୍କୁ ନିଯୁକ୍ତି ଦେଇଛନ୍ତି।

# ବାବା ପାତାଳେଶ୍ୱର ମନ୍ଦିର କମିଟିର ଜରୁରୀ ବୈଠକ




ବାରିପଦା , ୨୮/୭ (ନି.ପ୍ର): ସ୍ଥାନୀୟ ତଖତପୁର ସ୍ଥିତ ବାବା ପାତାଳେଶ୍ୱର ମନ୍ଦିର କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ପରିଚାଳନା ଟ୍ରଷ୍ଟି ଶ୍ରୀନିବାସ ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଟ୍ରଷ୍ଟ ବୋର୍ଡର ସଦସ୍ୟ/ସଦସ୍ୟା ସୋମନାଥ ସିଂହ, ଅଟଳ କୁମାର ମହାନ୍ତ, ଚିନ୍ତାମଣି ବେହେରା, ଗଦାଧର ଭଦ୍ର, ସସ୍ମିତା ପ୍ରଧାନ, ସରୋଜ ପଣ୍ଡିତ, ଅମ୍ବିକା ମହାନ୍ତ, ଶୁଭମ ପ୍ରସାଦ, ଚିକୁ ଘୋଷ, ଶଶାଙ୍କ ସର୍ଦ୍ଦାର, ସଂଯୁକ୍ତାରାଣୀ ସୁର, ଗଜେନ୍ଦ୍ର ମୁର୍ମୁ ପ୍ରମୁଖ ପ୍ରମୁଖ ଉପସ୍ଥିତ ରହି ମନ୍ଦିରର ଜମି ସମସ୍ୟା, ମନ୍ଦିରର ପୁନଃନିର୍ମାଣ ଉପରେ ଗୁରୁତ୍ୱର ସହ ଆଲୋଚନା କରିଥିଲେ ଓ ତତସହିତ ଅଗଷ୍ଟ ୩ ତାରିଖ ରାତ୍ରି ୩ ଘଟିକା ସମୟରେ ବାରୁଣେଶ୍ୱର ମହାଦେବ ମନ୍ଦିର ନିକଟରୁ ଜଳ ଉତ୍ତୋଳନ କରି ମଧୁବନ, ବଡବଜାର, ଅମ୍ବିକା ମନ୍ଦିର, ମାର୍କେଟ ହୋଇ ଷ୍ଟେସନ ବଜାର, ପାଲବଣୀ ଦେଇ ତକତପୁର ସ୍ଥିତ ବାବା ପାତାଳେଶ୍ୱର ମହାଦେବଙ୍କ ନିକଟରେ ଜଳାଭିଷେକ କରାଯିବାର ନିଷ୍ପତ୍ତି ନିଆଗଲା ଓ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରାଗଲା ଓ ପୂର୍ବ କମିଟି ସଦସ୍ୟ ବାରମ୍ବାର ଅନୁପସ୍ଥିତ ରହୁଥିବାରୁ ଆଗାମୀ ଦିନରେ ନୂତନ କମିଟି ଗଠନ କରାଯିବାର ମଧ ନିଷ୍ପତ୍ତି ନିଆଗଲା ।

## ରାଷ୍ଟ୍ରଦୀପ ପାଠକ ବାର୍ଷିକ ସମ୍ମିଳନୀ

ଧର୍ମଶାଳା, ୨୮/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପ ଠାରେ ଅପରାହ୍ନ ୩ ଘଟିକାରେ ରାଷ୍ଟ୍ରଦୀପ ପାଠକ ସମିତି ପକ୍ଷରୁ ଷାଠିଏ ବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରଦୀପ ପାଠକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ନୃସିଂହ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରଦୀପ ସମ୍ପାଦକ ଚିତରଞ୍ଜନ ମହାପାତ୍ର ଯୋଗଦେଇ ରାଷ୍ଟ୍ରଦୀପ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଧର୍ମଶାଳା ଅଞ୍ଚଳରେ ରାଷ୍ଟ୍ରଦୀପ ପତ୍ରିକାର ପ୍ରଚାର ଓ ପ୍ରସାର ଉପରେ ମତବ୍ୟକ୍ତ କରିଥିଲେ।

# ଉଦଳାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର



ଉଦଳା , ୨୮/୭ (ନି.ପ୍ର): ପ୍ରତିମାସ ପରି ଚଳିତ ଜୁଲାଇ ମାସର ଚତୁର୍ଥ ସୋମବାର ଆଜି ୨୮ ତାରିଖ ଦିନ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିବିର ଆରମ୍ଭ ପୂର୍ବରୁ ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷ ସାମନାରେ ଦିନବନ୍ଧୁ ବାରିକ ଏକ ବ୍ୟାନର ଟାଙ୍ଗି ମହାତ୍ମାଗାନ୍ଧିଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପ ଅର୍ପଣ କରି ଧାରଣାରେ ବସିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ପଚାରି ବୁଝିବାରୁ ଅତିତରେ ଉଦଳା ସହରର ହାଇସ୍କୁଲ ଛକ ଠାରେ ଯାତ୍ରୀ ମାନଙ୍କ ପାଇଁ ଏକପ୍ରତୀକ୍ଷାଳୟ ଥିଲା । ପରେ ପ୍ରତୀକ୍ଷାଳୟଟିକୁ କପ୍ତିପଦା ଉପଖଣ୍ଡ ପ୍ରଶାସନ ଭାଙ୍ଗି ଦେଇଥିଲେ ମଧ ନୂତନ ପ୍ରତିକ୍ଷାଳୟ ଏ ପର୍ଯ୍ୟନ୍ତ ନିର୍ମାଣ କରିନାହିଁ । ଏଠାରେ ଏକ ପ୍ରତିକ୍ଷାଳୟର ଆବଶ୍ୟକତାକୁ ଜରୁରୀ ମନେ କରି ଶ୍ରୀଯୁକ୍ତ ବାରିକ ଉପଖଣ୍ଡ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଧାରଣାର ଚେତାବନି ଦେଇଥିଲେ । ପୁର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟି ଆଜି ଶ୍ରୀଯୁକ୍ତ ବାରିକ ଧାରଣାରେ ବସିଥିଲେ । ଶେଷରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ଘଟଣାସ୍ଥଳରେ ପହଂଚି, ଆଗକୁ ରାସ୍ତା ଓସାର ହେବାର ଅଛି, ରାସ୍ତା କାମ ସରିଲେ ଏଠାରେ ପ୍ରତିକ୍ଷାଳୟ ନିର୍ମାଣ ହେବ ବୋଲି ଲିଖିତ ପ୍ରତିଶୃତି ଦେଇଥିଲେ । ଫଳରେ ଦିନବନ୍ଧୁ ବାରିକ ଧାରଣା ପ୍ରତ୍ୟାହୃଦ କରିନେଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ସେହିପରି ଉଦଳା ବ୍ଲକର ନୂଆଗାଁ ପଂଚାୟତର ବାସିନ୍ଦା ବିଧବା ମା' ମାତି ହେମ୍ବ୍ରମ ଆଜି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସେ ଖାଦ୍ୟ ଯୋଜନାରେ ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତା ପାଉନଥିବାର ଜଣାଇଥିଲେ । କପ୍ତିପଦା ଭିନ୍ନକ୍ଷମ ମଂଚ ତରଫରୁ ୩ଜଣ ଅନାଥ ପିଲାଙ୍କ ଥଇଥାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଗୁହାରି ଜଣାଯାଇଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଉଦଳା ଠାରେ ଥିବା ପାଠାଗାରର ନୂତନ ଗୃହ ନିର୍ମାଣ ପାଇଁ ମଧ କିଛି ସ୍ୱେଚ୍ଛାସେବି ଦାବି ଜଣାଇଛନ୍ତି । ଏହିଭଳି ଆଜି ଗୋଟିଏ ଦିନରେ ଶତାଧିକ ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଛି ।

# ଆବଶ୍ୟକତା ଅନୁଯାୟୀ ମିଳୁନି ସାର: ଆନ୍ଦୋଳନକୁ ଓହ୍ଲାଇବାକୁ ଚାଷୀଙ୍କ ଚେତାବନୀ

ଖଇରା, ୨୮/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ସାର ସଙ୍କଟ ଘନିଭୁତ ହେବାରେ ଲାଗିଛି । ଏପଟେ ଧାନ ବିକ୍ରୀ ଅନଲାଇନ ପଞ୍ଜିକରଣ ସମସ୍ୟା ଚାଷୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଥିବା ବେଳେ ତା ସାଙ୍ଗକୁ ପୁଣି ସାର ସମସ୍ୟା ଚାଷୀଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ରାଜ୍ୟ ସରକାର ଚାଷୀଙ୍କ ବହୁବିଧ ସମସ୍ୟାର ସମାଧାନ ପାଇଁ ଧ୍ୟାନ ଦେବାକୁ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଖଇରା ବ୍ଲକରେ ଏବେ ଧାନତଳି ପକାଇବା ଓ ରୋଇବା କାର୍ଯ୍ୟ ଆରମ୍ଭ ହୋଇ ସାରିଥିବା ବେଳେ ସାରର ଆବଶ୍ୟକତା ଦେଖା ଦେଇଛି । ପ୍ରାଥମିକ ପର୍ଯ୍ୟାୟର ଆନୁସଙ୍ଗିକ କାର୍ଯ୍ୟ ପାଇଁ ୨ଶହ ମେଟ୍ରିକ ଟନ ଡିଏପି,୧୫୦ ମେଟ୍ରିକ ଟନ ପଟାସ ଓ ୧ଶହ ମେଟ୍ରିକ ଟନ ୟୁରିଆ ଆବଶ୍ୟକ। ହେଲେ କେବଳ ୟୁରିଆକୁ ଛାଡିଦେଲେ ଅନ୍ୟ ୨କିସମ ସାରର ଘୋର ଅଭାବ ଦେଖାଦେଇଛି । କୁରୁଣ୍ଡା,ମିର୍ଜାପୁର,ଗଗନଧୂଳି ଓ ବର୍ତ୍ତନା ସେବା ସମବାୟ ସମିତି ଓ ତୁଡିଗଡିଆ ମାର୍କଫେଡ ମାଧ୍ୟମରେ ମାତ୍ର ୬୦ ମେଟ୍ରିକ ଟନ ଡିଏପି ପ୍ରଦାନ କରାଯାଇଛି ଯାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି । ସେହିଭଳି ଚାଷପାଇଁ ଅତ୍ୟନ୍ତ ଜରୁରୀ ପଟାସ ସାର ଗୋଟିଏ ଗ୍ରାମବି ବ୍ଲକରେ ପହଞ୍ଚି ପାରିନଥିବାରୁ ଶହ ଶହ ଚାଷୀ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି । ଏଥିସହ ବେସରକାରୀ ସ୍ତରରେ ଲାଇସେନ୍ସ ପାଇଥିବା ହୋଲସେଲର ଓ ରିଟେଲର ଆଣିଥିବା ସାର ଧାର୍ଯ୍ୟଦରଠାରୁ ଯଥେଷ୍ଟ ଚଢାଦରରେ ବିକ୍ରି କରୁଥିବାରୁ ଚାଷପ୍ରତି ଚାଷୀଙ୍କର ଆଗ୍ରହ କମି କମି ଯାଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅପରେଶନ ସିନ୍ଦୂରକୁ ...

ତେବେ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଭାରତ-ପାକ୍ ଅସ୍ତ୍ରବିରତି ଦାବିକୁ ପରୋକ୍ଷରେ ଖଣ୍ଡନ କରିଛନ୍ତି ରାଜନାଥ। କହିଛନ୍ତି- କୌଣସି ଚାପରେ ଅପରେସନ୍ ସିନ୍ଦୁର ବନ୍ଦ ହୋଇଛି ବୋଲି କହିବା ବା ଭାବିବା ସମ୍ପୂର୍ଣ୍ଣ ଭୁଲ୍ ଓ ଭିତ୍ତିହୀନ। ଭାରତ ନିଜ ରାଜନୈତିକ ଓ ସାମରିକ ଲକ୍ଷ୍ୟ ପୂରଣ କରିବା ପରେ ହିଁ ଏହାକୁ ସ୍ଥଗିତ ରଖାଯାଇଛି। ତେବେ ଏହା ଶେଷ ହୋଇନାହିଁ। ପାକିସ୍ତାନ କୌଣସି ଦୁଃସାହସ କଲେ ପୁଣି ପ୍ରହାର ହେବ । ପାକିସ୍ତାନ ଭାରତରେ କୌଣସି ଟାର୍ଗେଟକୁ ହିଟ୍ କରିପାରିନାହିଁ ଏବଂ ଆମର କୌଣସି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ କ୍ଷତି ହୋଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି ରାଜନାଥ। ଆତଙ୍କବାଦର ଭାଷା କହୁଥିବା ପାକିସ୍ତାନ ସହ କୌଣସି ସ୍ଥିତିରେ ଆଲୋଚନା ସମ୍ଭବ ନୁହେଁ ବୋଲି କହିବା ସହ, ଭାରତୀୟ ସେନାକୁ ସିଂହ ଓ ପାକିସ୍ତାନକୁ ବେଙ୍ଗ ସହ ତୁଳନା କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ, ଯାହାକି ଲୋକସଭାରେ ହାସ୍ୟରୋଳ ସୃଷ୍ଟି କରିଥିଲା। ଏଥିସହ ଶତ୍ରୁକୁ ସାବଧାନ କରି କହିଛନ୍ତି, ଯେଉଁମାନେ ଭାରତକୁ ହଜାରେ କ୍ଷତ ଦେବାକୁ ସ୍ୱପ୍ନ ଦେଖୁଛନ୍ତି, ସେମାନେ ଏବେ ନିଦରୁ ଜାଗିଯିବା ଦରକାର। କାରଣ ଇଏ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ ନୂଆ ଭାରତ, ଯାହା ଆତଙ୍କବାଦ ବିରୋଧରେ କିଛି ବି କରିପାରେ । ଅଭିଭାଷଣରେ ବିରୋଧୀଙ୍କ ଉପରେ ବି ନିଶାନା ସାଧିଛନ୍ତି ରାଜନାଥ । କହିଛନ୍ତି, କିଛି ବିରୋଧୀ ସଦସ୍ୟ ପଚାରୁଛନ୍ତି ଯେ, ଆମର କେତୋଟି ବିମାନ ଧ୍ୱଂସ ହୋଇଛି । କିନ୍ତୁ ସେମାନେ ପଚାରିବା କଥା, ଆମେ ବିରୋଧୀଙ୍କର କେତୋଟି ବିମାନ ଉଡ଼ାଇଛୁ। ଅନ୍ୟପକ୍ଷରେ ପହଲଗାମରେ ସୁରକ୍ଷା ବ୍ୟବସ୍ଥା ତ୍ରୁଟିକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବା ସହ, ପିଓକେ ପ୍ରସଙ୍ଗ ଉଠାଇଛନ୍ତି।

### ପର୍ଦ୍ଦା ପଛର...

ଦାବି ବି କରିଥିଲେ ଅର୍ଚ୍ଚନା। କଥାରେ ରାଜି ନହେବାରୁ ମିଛ କେଶରେ ଫସାଇଦେବାକୁ ଏବଂ ଉଭୟଙ୍କ ମଧ୍ୟରେ ହୋଇଥିବା ହ୍ୱାଟ୍ସଆପ୍ ଚାର୍ଟକୁ ଭାଇରାଲର ଧମକ ଦେଉଥିଲେ। ଏପରିକି ମିଡ଼ିଆ ଆଗରେ ଅର୍ଚ୍ଚନା ମିଛ ବୟାନ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଅମରେଶ। କିନ୍ତୁ ଏସବୁକୁ ଅର୍ଚ୍ଚନା ଖଣ୍ଡନ କରିବା ସହ ଆଜି ପୁଣି ଦୋହରାଇ କହିଛନ୍ତି, ବାଇଁଆ ଭାଇ କରିଥିବା କୁକର୍ମ ପାଇଁ ମୋ ଉପରେ ଦୋଷ ଲଦାନଯାଉ। ୨୦୨୨ରୁ ପଲିଟିକାଲ୍ ମୈଦାନରେ ଚର୍ଚ୍ଚାରେ ଥିଲେ ଅର୍ଚ୍ଚନା। କିଏ ତାଙ୍କୁ କହିଥିଲା ଲେଡି ବ୍ଲାକମେଲର୍ ତ ଆଉ କିଏ ସଜାଇଥିଲା ହନିଟ୍ରାପ୍ କୁଇନ୍। ଏପରିକି ସ୍ୱାମୀ ସହ ମିଶି ତାଙ୍କୁ ଜେଲ୍ ଯିବାକୁ ବି ପଡ଼ିଥିଲା। ଆଉ ଗତ ୧୧ ତାରିଖରେ ସିଏମଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହେବା ସହ ୧୨ ତାରିଖରେ ମିଡ଼ିଆ ସାମ୍ନାକୁ ଆସି ଅର୍ଚ୍ଚନା ବର୍ଷିଥିଲେ ଅନର୍ଗଳ। ଅନ୍ୟ ନେତା ଓ ପୋଲିସ ଅଫିସରଙ୍କ ସହ କର୍ପୋରେଟର ଅମରେଶ ଜେନାଙ୍କ ନାଁ ବି ନେଇଥିଲେ। ଏପରିକି ଗତ ୧୮ ତାରିଖରେ ଅମରେଶ ଜେନାଙ୍କ ନାଁରେ ଧମକ ଚମକ ଦେଉଥିବା ନେଇ ଡିସିପି ଅଫିସରେ ପାଲଟା ଏତଲା ଦେଇଥିଲେ ଅର୍ଚ୍ଚନା। ତେବେ ଅର୍ଚ୍ଚନା-ଅମରେଶ ବିବାଦ ବ୍ୟକ୍ତିଗତ ନା ରାଜନୈତିକ ଷଡ଼ଯନ୍ତ୍ର ? ଅମରେଶଙ୍କ ବଢୁଥିବା ପତିଆରା ଏବଂ ଲୋକପ୍ରିୟତା ପାଇଁ ଦିନେ ନା ଦିନେ ଏଭଳି ପରିସ୍ଥିତି ଉପୁଜିବ ବୋଲି ଆଶଙ୍କା କରୁଥିବା କଥା କହିଛନ୍ତି ଅମରେଶଙ୍କ ପତ୍ନୀ। ତା'ସହ ରାଜନୈତିକ ଷଡ଼ଯନ୍ତ୍ର ଦିଗକୁ ବି ଇସାରା କରିଛନ୍ତି। ଯଦି ଏକଥା ସତ, ତା'ହେଲେ କିଏ ସେହି ରାଜନେତା, ଯିଏ ପର୍ଦ୍ଦା ପଛରେ ରହି ଷଡ଼ଯନ୍ତ୍ର ରଚି ଅମରେଶ ଜେନାଙ୍କୁ ଫସାଇ ଦେଇଛନ୍ତି ? ଅର୍ଚ୍ଚନା-ଅମରେଶ କଳି ଭିତରେ ରାଜନୈତିକ ଗୋଟି ଚାଳନା କରୁଥିଲେ କିଏ ସେ ନେତା ? ଏବେ ଏଭଳି ପ୍ରଶ୍ନ ଉଠୁଥିବାବେଳେ ଅର୍ଚ୍ଚନା-ଅମରେଶଙ୍କ ଏତଲା ଆଧାରରେ ପରସ୍ପର ବିରୋଧରେ ମାମଲା ରୁଜୁ କରି ତଦନ୍ତ କରୁଛି ଲକ୍ଷ୍ମୀସାଗର ପୋଲିସ।

### ୪୪ ଦିନରେ...

ଗୋପାଳପୁର ଗଣଦୁଷ୍କର୍ମର ୧୦ ସଇତାନ। ଅଭିଯୁକ୍ତଙ୍କ ମଧ୍ୟରେ ୪ ନାବାଳକ। ୩ ଜଣ ଗଣଦୁଷ୍କର୍ମ କରିଥିଲେ, ଅନ୍ୟମାନେ ସହଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ। ତା ନାଁରେ ପୂର୍ବରୁ ମଧ ୨ଟି ମାମଲା ରହିଥିଲା। ଅନ୍ୟ ଦୁଇ ଦୁଷ୍କର୍ମକାରୀ ହେଲେ ବାବୁରାମ ଦଳାଇ ଏବଂ କୁନାଲ ପ୍ରଧାନ। ୨୦ ବର୍ଷିୟା କଲେଜ୍ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାର ଘନ ଘନ ତଦନ୍ତ ଜାରି ରହିଥିଲା। ଏହି ଘଟଣାରେ ୪ ଜଣ ୧୭ ବର୍ଷୀୟ ନାବାଳକ ସାମିଲ ଥିଲେ। ଘଟଣା ଘଟିବା ଦିନ ରାତି ପ୍ରାୟ ୮ଟା ୩୦ରେ ଗୋପାଳପୁର ବେଳାଭୂମିର ଏକ ନିଛାଟିଆ ସ୍ଥାନରେ ଏକାଠି ବସିଥିଲେ କଲେଜ ପଢୁଆ ଦୁଇ ଯୁବକ ଯୁବତୀ। ଏହି ସମୟରେ ସେମାନଙ୍କ ପାଖରେ ପହଁଚିଯାଇଥିଲେ ୧୦ ଜଣ ଦୁର୍ବୃତ୍ତ। ପ୍ରଥମେ ଦୁହିଁଙ୍କ ଫଟୋ ଉଠାଇ ଭାଇରାଲ କରିବାର ଭୟ ଦେଖାଇଥିଲେ। ପାଖରେ ଥିବା ୧୩ ଶହ ଟଙ୍କା ଲୁଟିନେବା ପରେ ଅନଲାଇନ୍ ଟ୍ରାଞ୍ଜାକ୍ସନରେ ବି ଟଙ୍କା ନେଇଥିଲେ। ଏହାପରେ ବି ମନ ଶାନ୍ତ ପଡିନଥିଲା। ପୁରୁଷ ବନ୍ଧୁଙ୍କୁ ବନ୍ଧକ ରଖି ଜଣକ ପରେ ଜଣେ ଯୁବତୀଙ୍କ ସହ ଦୁଷ୍କର୍ମ କରିଥିଲେ। ପୀଡିତା ଯେତେ କାକୁତି ମିନତି କରିଥିଲେ ବି ଛାଡିନଥିଲେ ଅଭିଯୁକ୍ତ। ଘଟଣା ବାବଦରେ ଗୋପାଳପୁର ଥାନାରେ ଅଭିଯୋଗ ପରେ ତୁରନ୍ତ ୩ଟି ଟିମ୍ ଗଠନ କରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା ପୋଲିସ। ରାତାରାତି ୧୦ ଅଭିଯୁକ୍ତଙ୍କୁ ବାନ୍ଧି ସହ କୋର୍ଟ ଚାଲାଣ କରାଯାଇଥିଲା। ବେଳାଭୂମିରେ ଯୁବତୀଙ୍କ ସହ ପାଶବିକ ଅତ୍ୟାଚାର ପରେ ସବୁଠି ଖାଁ ଖାଁ। ଯେତିକି ବି ପର୍ଯ୍ୟଟକ ଆସୁଛନ୍ତି, ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଉଛନ୍ତି। ନିଜକୁ ଅସୁରକ୍ଷିତ ମନେ କରି ବେଳାଭୂମିରେ ପର୍ଯ୍ୟାପ୍ତ ପୋଲିସ ନିୟୋଜିତ କରିବାକୁ ଦାବି କରାଯାଇଥିଲା। ସ୍ଥାନୀୟ ବାସିନ୍ଦା କହିଛନ୍ତି, କଡାକଡି ହେଉ ପୋଲିସର ପାଟ୍ରୋଲିଂ, ଅନ୍ଧାର ଜାଗାରେ ଆଲୋକୀକରଣ ସହ ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷିତ ବସିବା ସ୍ଥାନ କରାଯାଉ। ସେପଟେ ଘଟଣାରେ ଉଦବେଗ ପ୍ରକାଶ କରିଛି ଜାତୀୟ ମହିଳା କମିଶନ। ନିଜ ଆଡୁ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଯୁବତୀଙ୍କୁ ନିର୍ଦ୍ଧାରିତ ସମୟରେ ନ୍ୟାୟ ପ୍ରଦାନ କରିବା ସହ ମାଗଣା ଚିକିତ୍ସା ଓ ମାନସିକ ସହଯୋଗ ପାଇଁ ନିର୍ଦ୍ଦେଶ ଦେଇଥିଲେ ଜାତୀୟ ମହିଳା କମିଶନ।

### ବନ୍ୟାରେ ଭାସୁଛି ...

ସୁବର୍ଣ୍ଣରେଖାରେ ବନ୍ୟା ଯୋଗୁଁ ୪ଟି ବ୍ଲକ ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ପ୍ରଭାବିତ ହୋଇଛି । ସୁବର୍ଣ୍ଣରେଖାରେ ଜଳସ୍ତର କମୁଥିଲେ ବି ଭୋଗରାଇର ନଦୀବନ୍ଧ ଭିତର ପଟ ଗାଁଗୁଡ଼ିକରେ ବନ୍ୟାପାଣି ପ୍ରବେଶ କରୁଛି । ଭୋଗରାଇର ୫ଟି ପଞ୍ଚାୟତ ଜଳବନ୍ଦୀ ହୋଇରହିଛି । ବାଲିଆପାଳରେ ୩୦ରୁ ଅଧିକ ଗାଁ ପାଣିଘେରରେ ଅଛି । ଭଦ୍ରକର ୨ ଟି ଓ ଯାଜପୁରର ୩ ଟି ବ୍ଲକ ବନ୍ୟା ପାଣି ପଶିଥିଲେ ବି ପାଣି କମିଲାଣି । ଆଖୁଆପଦାରେ ବୈତରଣୀ ବିପଦ ସଙ୍କେତ ତଳେ ଅଛି । ଭଦ୍ରକ ଓ ଯାଜପୁରରେ ଆଉ ବନ୍ୟା ସ୍ଥିତି ନାହିଁ । ତଳିଆ ଅଞ୍ଚଳରୁ ପାଣି ଧୀରେ ଧୀରେ କମିବାରେ ଲାଗିଛି । ମୟୂରଭଞ୍ଜ ରାସଗୋବିନ୍ଦପୁର ବ୍ଲକର ଲେଦାର ଜମ୍ପିରାରେ ଘାଇ ହୋଇଥିଲା । ପ୍ରାୟ ୨୦୦ ମିଟରର ଘାଇ ହୋଇଥିବାରୁ ମରାମତି ଚାଲିଛି । ଭଦ୍ରକର ଧାମନଗର, ତିହିଡ଼ି ଓ ଯାଜପୁରର ଦଶରଥପୁରରେ ପାଣି ପଶିଥିଲା । ତେବେ ଆଖୁଆପଦାରେ ବିପଦ ସଙ୍କେତ ତଳକୁ ଆସିବା ପରେ ଧୀରେ ଧୀରେ ସ୍ଥିତି ସାମାନ୍ୟ ହେଉଛି । ପ୍ରାୟ ସବୁ ନଦୀରେ ଜଳସ୍ତର କମୁଛି । ତଳିଆ ଅଞ୍ଚଳରୁ ପାଣି ଛାଡ଼ିବା ପାଇଁ ସମୟ ଲାଗିବ । ପାଗ ଅନୁକୂଳ ହେଲେ ଆସନ୍ତାକାଲି ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ ।

### ପ୍ରତିଶୋଧ ନେଲା ...

ହୋଇ ମୁସା କଶ୍ମୀର ଉପତ୍ୟକାକୁ ୨୦୨୩ରେ ଅନୁପ୍ରବେଶ କରିଥିଲା। ସେବେଠୁ ଏଲଇଟି ଓ ଏହାସହ ଜଡ଼ିତ ଟିଆରଏଫକୁ ଅଧିକ ସକ୍ରିୟ କରିଥିଲା। ପହଲଗାମ୍ ହମଲାର ପୁରା ଯୋଜନା କରିଥିଲା ମୁସା। କେଉଁ ବାଟେ ପ୍ରବେଶ, କେଉଁ ବାଟେ ଫେରାର ମାରିବେ, କେମିତି ନୀରିହଙ୍କୁ ନିଶାନା କରିବେ ସେ ସବୁର ଯୋଜନା ଏଇ ମୁସା ହିଁ ରଚିଥିଲା। ଆଜି ମୁସା ସଫା ହେବା ପରେ ଆଶ୍ୱସ୍ତିର ନିଶ୍ୱାସ ନେଇଛନ୍ତି ସେ ଦିନ ପହଲଗାମ୍ ହମଲାରେ ପ୍ରାଣ ହରାଇଥିବା ଓଡ଼ିଆ ଯୁବକ ପ୍ରଶାନ୍ତ ଶତପଥୀଙ୍କ ପତ୍ନୀ। ଆଜି ମୁସା ସଫା ହେଇଛି, ୟା ପୂର୍ବରୁ 'ଅପରେସନ୍ ସିନ୍ଦୂର'ରେ ମୁସାର ଆତଙ୍କୀ ଗଡ୍ ଫାଦର ବି ନିପାତ ହେଇଛନ୍ତି। ପାକିସ୍ତାନ ଭିତରେ ପଶି ଆତଙ୍କବାଦୀଙ୍କ ଅଣ୍ଟାକୁ ମୋଡ଼ି ମକଚି ଭାଙ୍ଗି ଦେଇଛି ଭାରତୀୟ ସେନା। ୧୦୦ରୁ ଅଧିକ ଟପ୍ ଆତଙ୍କବାଦୀଙ୍କ ପତ୍ତା ହଜିଛି।

### 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ...

ବାବାଜୀ ଚରଣ ଜେନା, ଲିପସା ପଟେଲ, ସୁମନ୍ତ କୁମାର ଜେନା, ଡ. ପଙ୍କଜ କୁମାର ଜେନା, ଡାକ୍ତର କୁମାର ଗୋପାଲ, ସଂଜୟ କୁମାର ସାହୁ ଓ ସପନ କୁମାର ବିଶ୍ୱାଳ ପ୍ରମୁଖଙ୍କୁ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଏସବିଆଇ କର୍ମଚାରୀ ସଂଘର ଆଂଚଳିକ ସମ୍ପାଦକ କବି ମାନସ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ମଧ ଅନୁଷ୍ଠିତ ହୋଇଥିଲା ଯାହାକୁ କବି ମଧୁସୂଦନ ମିଶ୍ର ଓ ତାନଶ୍ରୀ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏହି ଉତ୍ସବରେ ମାନପତ୍ର ପାଠ କରିଥିଲେ ଅଧ୍ୟାପିକା ରଶ୍ମିତା ମହାପାତ୍ର । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ରୋଟାରିଆନ ଯଶୋଦା ନନ୍ଦନ ଆସ, ପର୍ଶୁରାମ ପ୍ରଧାନ, ପ୍ରଦୀପ୍ତ ମହାନ୍ତି ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ । ଏଥିରେ ବହୁ ସଂଖ୍ୟାରେ ଧ୍ୱନି ପ୍ରତିଧ୍ୱନିର ଶୁଭେଚ୍ଛୁ, ଲେଖକ ଓ ପାଠକମାନେ ଯୋଗ ଦେଇଥିଲେ ।

# ବିଏମସି ପକ୍ଷରୁ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୨୮/୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସୋମବାର ଦିନ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କମିଶନର ରତ୍ନାକର ସାହୁ ନାଗରିକମାନଙ୍କର ବିଭିନ୍ନ ଅଭିଯୋଗ ଶୁଣିବା ସହ ସେଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଉପସ୍ଥିତ ଉପବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଜନ ଶୁଣାଣି ଶିବିରରେ ଉପାୟୁକ୍ତ ଏନ୍. ଗଣେଶ ବାବୁଙ୍କ ସହ ଇଂଜିନିୟରିଂ ଉପବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଧାର୍ଯ୍ୟ ସମୟ ପୂର୍ବରୁ ପାରାଦୀପ ବନ୍ଦର ଦ୍ୱାରା ୫୦ ମିଲିୟନ୍ ମେଟ୍ରିକ୍ ଟନ୍ କାର୍ଗୋ ପରିବହନ

ପାରାଦୀପ, ୨୮/୭ (ନି.ପ୍ର): ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରି ମାସ ପୂରା ହେବାକୁ ୪ ଦିନ ବାକି ରହିଥିବା ବେଳେ ପାରାଦୀପ ବନ୍ଦର ୫୦ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) କାର୍ଗୋ ପରିବହନ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଯାହାକି ପାରାଦୀପ ବନ୍ଦର ଇତିହାସରେ ସଫଳତାର ନୂଆ ଫର୍ଦ୍ଦ ଯୋଡି ହୋଇଛି । ପାରାଦୀପ ବନ୍ଦର ଅଧିକାରୀ, କର୍ମଚାରୀ, ଶ୍ରମିକମାନଙ୍କ ଦଳଗତ କାର୍ଯ୍ୟ ଯୋଗୁଁ ଏହି ସଫଳତା ମିଳିଥିବା ନେଇ ପାରାଦୀପ ବନ୍ଦର ପକ୍ଷରୁ ସୂଚନା ମିଳିଛି। କୋଇଲା ପରିବହନରେ ୨୨.୦୬ ଏମଏମଟି, କନେର କାର୍ଗୋ ପରିବହନରେ ୨୭.୮୦ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ବେଳେ ଅଶୋଧିତ ତୈଳ ପରିବହନ କ୍ଷେତ୍ରରେ ୧୧.୩୬ ଏମଏମଟି ପଣ୍ୟ ପରିବହନ କରି ୧୪.୯୭ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ବେଳେ ଫର୍ଟିଲାଇଜର ପରିବହନରେ ୮.୪୧ ପ୍ରତିଶତ ବୃଦ୍ଧି ପାଇଛି । ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମାନ୍ୟବର କେନ୍ଦ୍ର ବନ୍ଦର, ଜହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନାଓାଲଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି ସଫଳତା ମିଳିଥିବା କହିଥିବା ବେଳେ ଏକ ହୋଇ କାମ କରିଥିବାରୁ ବନ୍ଦରର ଅଧିକାରୀ, କର୍ମଚାରୀ, ବନ୍ଦର ବ୍ୟବହାରକାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହି ଭଳି ଭାବେ କାର୍ଯ୍ୟ କଲେ ଭବିଷ୍ୟତରେ ପାରାଦୀପ ବନ୍ଦର ନୂଆ ଇତିହାସ ସୃଷ୍ଟି କରିବ ବୋଲି କହିଛନ୍ତି । ଏହି ସଫଳତା ସମଗ୍ର ଦେଶର ବନ୍ଦରମାନଙ୍କ ମଧ୍ୟରେ ଏକ ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ସହିତ ନୌବାଣିଜ୍ୟିକ କ୍ଷେତ୍ରରେ ଏହା ଏକ ନୂଆ ଇତିହାସ ରଚନା କରିବ।

## ଖୋର୍ଦ୍ଧାରେ ସକ୍ରିୟ ନିଶା ମାଫିଆ: ୩୨୦ ଗ୍ରାମ ବ୍ରାଉନ ସୁଗାର ଜବତ, ଦୁଇ ଜଣ ଗିରଫ



ଖୋର୍ଦ୍ଧା, ୨୮/୭ (ନି.ପ୍ର): ଖୋର୍ଦ୍ଧାରେ ନିଶା ମାଫିଆ ପୁଣି ସକ୍ରିୟ ହୋଇ ଉଠିଛନ୍ତି। ନିଶା କାରବାର କୁ ରୋକିବା ଲାଗି ପୋଲିସ ଟିମ୍ ମଧ ଧରପାଗଡ ଜାରି ରଖିଛନ୍ତି। ଗତ କାଲି ଖୋର୍ଦ୍ଧା ଏସପି ସାଗରିକା ନାଥ ଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ବିଶ୍ୱସ୍ତ ସୂତ୍ର ରୁ ଖବର ପାଇ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଟାଙ୍ଗିଆ ପଡ଼ା ଅଞ୍ଚଳ ରେ ଏକ ମନ୍ଦିର ପାଖ ରେ ବ୍ରାଉନ ସୁଗାର କାରବାର ଚାଲିଥିବା ସମୟ ରେ ଚଢ଼ାଉ କରିଥିଲେ। ଏହି ଘଟଣା ରେ ପୋଲିସ ୩୨୦ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ୨ଜଣ ପେଶାଦାର ନିଶା ମାଫିଆଙ୍କୁ ଗିରଫ କରିବା ସହ ୨ଟି ବାଇକ୍,୨ଟି ମୋବାଇଲ ଜବତ କରାଯାଇଛି। ଜବତ ବ୍ରାଉନ ସୁଗାର ର ମୂଲ୍ୟ ୩୨ଲକ୍ଷ ଟଙ୍କା ହେବ। ଗତ ତିନି ମାସ ଭିତରେ ଜିଲ୍ଲା ପୋଲିସ ବିଭିନ୍ନ ଅଞ୍ଚଳ ରୁ ୭୮୨ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ୩୦ଜଣ ନିଶା ମାଫିଆ ଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଛି ବୋଲି ଏସପି ସାଗରିକା ନାଥ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି।

## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବାରିପଦା , ୨୮/୭ (ନି.ପ୍ର): ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରତିଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପୂର୍ବତନ ଅଧକ୍ଷ ବିଦ୍ୟାଧର ଜେନା ଓ ଅନାଦି ଚରଣ ବିନ୍ଧାଣୀ, ପୂର୍ବତନ ହିନ୍ଦୀ ଶିକ୍ଷକ ତାପସ କୁମାର ଆଢ୍ୟ ଓ ସେକ୍ସନ ଅଫିସର ଅଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଅତୀତର ଘଟଣାବଳିର ସ୍ମୃତିଚାରଣ କରିବା ସହ ବିଦାୟୀ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ୨ୟ ବର୍ଷର ଗୁରୁଛାତ୍ରଛାତ୍ରୀ ପ୍ରତିଷ୍ଠାନରେ ବିତାଇଥିବା ସମୟକୁ ମନେ ପକାଇ ଭାବବିହ୍ୱଳ ହୋଇଯାଉଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଦାୟୀ ଗୁରୁଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ବର୍ଷର ଛାତ୍ରୀ ମାନସୀ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ର ଯଦୁପତି ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ



ଭଦ୍ରକ , ୨୮/୭ (ନି.ପ୍ର): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ସଭା ଗୃହ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଶ୍ରୀ ଦିଲିପ ରାଉତରାଏଙ୍କ ସହିତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମନୋଜ ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ ସୁଧିରଞ୍ଜନ ନାୟକ, ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତି, ଡେପୁଟି କଲେକ୍ଟର ଶ୍ରୀ ଜ୍ଞାନ ରଂଜନ ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ସଞ୍ଜୀବ ମହାପାତ୍ର, ତହସିଲଦାର ଭବତୋଷ ମଲ୍ଲିକ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୨୦୯ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୭୦ଟି ବ୍ୟକ୍ତିଗତ ଥିଲାବେଳେ, ୩୫ଟି ସାମୁହିକ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୩ ଜଣଙ୍କୁ ୨୫୦୦୦ ଟଙ୍କା ଓ ରେଡକ୍ରସ ରୁ ୧ ଜଣଙ୍କୁ ୫୦୦୦ ଟଙ୍କା ମୋଟ ୩୦୦୦୦ଟଙ୍କା ପ୍ରଦାନ କରାଯାଇଥିଲା।

## ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ

ରାଉରକେଲା, ୨୮/୭ (ନି.ପ୍ର): ରାଉରକେଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଆଜି ଦୀନା ଦସ୍ତଗୀର୍ ଯୋଗଦାନ କରିଛନ୍ତି। ସେ ୨୦୨୧ ବ୍ୟାଚର ଭାରତୀୟ ପ୍ରଶାସନିକ ଅଧିକାରୀ ଏହା ପୂର୍ବରୁ ବ୍ରହ୍ମପୁରର ଉପଜିଲ୍ଲାପାଳ ଭାବରେ କାର୍ଯ୍ୟ କରିଛନ୍ତି । ଆଜି କାର୍ଯ୍ୟରେ ଯୋଗ ଦେଲାପରେ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ଭେଟ କରିଥିଲେ। ଏହି ଅବସରରେ ସୁଶ୍ରୀ ଦସ୍ତଗୀର୍ କହିଥିଲେ ଯେ ରାଉରକେଲାର ଏଡିଏମ ଦାୟିତ୍ୱ ମିଳିଥିବାରୁ ସେ ଅତ୍ୟନ୍ତ ଖୁସି ଅଛନ୍ତି । ରାଉରକେଲା ଏକ ସୁନ୍ଦର ସହର । ଯାହା ବି ଅଂଚଳର ପ୍ରମୁଖ ସମସ୍ୟା ରହିଛି ତାକୁ ବୁଝିବାକୁ ଚେଷ୍ଟା କରିବି ଏବଂ ପ୍ରଶାସନ ଓ ଅଂଚଳର ଲୋକଙ୍କ ସହିତ ମିଳିମିଶି ଏ ଦିଗରେ କାର୍ଯ୍ୟ କରିବି ।

## କାଉଡିଆଙ୍କ ପାଦରୁ ଝରିଲା ରକ୍ତ: ଅବ୍ୟବସ୍ଥା ଭିତରୁ କେବେ ମୁକୁଳିବ ପଞ୍ଚଲିଙ୍ଗେଶ୍ୱର ପୀଠ



ନୀଳଗିରି , ୨୮/୭ (ନି.ପ୍ର): ଓଡିଶାର ପ୍ରସିଦ୍ଧ ଶୈବପୀଠ ମାନଙ୍କ ମଧ୍ୟରୁ ଅନ୍ୟତମ ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ମୌଳିକ ସୁବିଧା ନମିଳିବା କାରଣରୁ କାଉଡିଆ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ପୀଠ ଅଞ୍ଚଳରେ ଭକ୍ତଙ୍କ ଠାରୁ ଆରମ୍ଭକରି ଦୋକାନୀଙ୍କ ପର୍ଯ୍ୟନ୍ତ ସମସ୍ତେ ପାନୀୟଜଳ ସମସ୍ୟାରେ ଜର୍ଜରିତ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଶ୍ରାବଣ ମାସରେ ଜଳାଭିଷେକ ପାଇଁ ଆସୁଥିବା ମହିଳା କାଉଡିଆଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇନଥିବା ଦେଖିବାକୁ ମିଳିଛି ।ଏପରିକି ପ୍ରଶାସନ ତରଫରୁ ମହିଳା କାଉଡିଆ ମାନଙ୍କ ବିଶ୍ରାମନେବା ପାଇଁ ଖଣ୍ଡେ ଦରି କି ତମ୍ବୁର ବ୍ୟବସ୍ଥା କରାଯାଇନାହିଁ। ତେବେ କିଛିଦିନ ପୂର୍ବରୁ ଖବର ପରିବେଷଣ ପରେ ବିଜୁଳି ବ୍ୟବସ୍ଥାରେ ସୁଧାର କରାଯାଇଥିଲେ ମଧ ଏବେବି ବସଷ୍ଟାଣ୍ଡଟି ସମ୍ପୂର୍ଣ୍ଣ ଅନ୍ଧକାର ମଧ୍ୟରେ ରହିଥିବାରୁ ଯାତ୍ରୀ, ଗାଡିଚାଳକ, କାଉଡିଆ ଏବଂ ଦୋକାନୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଦୂରାବସ୍ଥା କାରଣରୁ କାଉଡିଆଙ୍କ ପାଦରେ ଫୋଟକା ହେବା ଏବଂ ରକ୍ତ ଝରିଥିବା ଭଳି ଅଭିଯୋଗ ହୋଇଛି। ସେହିପରି ଟ୍ରଷ୍ଟପାଖରେ ୨୫ରୁ ଉର୍ଦ୍ଧ ଡଷ୍ଟବିନ ଥିଲେ ହେଁ ପ୍ରତ୍ୟେକ ଦୋକାନପାଖରେ କୁଢ଼କୁଢ଼ ଅଳିଆ ଦେଖିବାକୁ ମିଳିଛି। ତୃତୀୟପାଳି ଅବସରରେ ଟ୍ରଷ୍ଟ ତରଫରୁ ୨୦ହଜାର କାଉଡିଆ ଟିକେଟ କାଟି ଜଳାଭିଷେକ କରିଥିବା ସୂଚନା ମିଳିଥିବା ବେଳେ ସାମୁହିକଭାବରେ ୧ଲକ୍ଷରୁ ଉର୍ଦ୍ଧ ପର୍ଯ୍ୟଟକ, ଶ୍ରଦ୍ଧାଳୁ ଦର୍ଶନ ଓ ଜଳାଭିଷେକ ପାଇଁ ଆସିଥିବା ପ୍ରତ୍ୟକ୍ଷଦର୍ଶୀ ମତ ଦେଇଛନ୍ତି । ତେବେ ପାନୀୟଜଳ, ସ୍ୱଚ୍ଛତା ଏବଂ ବିଜୁଳି ଭଳି ମୌଳିକ ସମସ୍ୟା ତୁରନ୍ତ ସୁଧାରିବା ନେଇ କାଉଡିଆ ଏବଂ ଦୋକାନୀମାନେ ପ୍ରଶାସନ ଠାରେ ଦାବି କରିଛନ୍ତି ।

## ରୂପ୍‌ସାରେ ହଜାର ହଜାର କାଉଡ଼ିଆଙ୍କ ଜଳାଭିଷେକ

ବସ୍ତା ୨୮/୭(ନିପ୍ର) ଶ୍ରାବଣ ମାସ ର ତୃତୀୟ ସୋମବାର ରେ ରୂପସା ର ବିଭିନ୍ନ ମନ୍ଦିର ରେ ହଜାର ହଜାର ଭକ୍ତ ନିଜର ମାନସିକ ପୂରଣ ଲାଗି ଜଳାଭିଷେକ କରିଛନ୍ତି । ରୂପସା ଅଞ୍ଚଳ ରେ ଥିବା ରୂପସା ରେ ବାବା ରୁପେଶ୍ୱର୍ , ପୋଡାଡିଆ ରେ ଥିବା ବାବା ତାରକେଶ୍ୱର , ମିରିଗିମୁଣ୍ଡି ଗ୍ରାମ ରେ ବାବା ନିମେଶ୍ୱର , କଣିପଦା ରେ ଥିବା ବାବା କପିଳେଶ୍ୱର ଙ୍କ ଠାରେ ସୁବର୍ଣ୍ଣରେଖା ନଦୀ ପଠା ବାଲିଘାଟ ଠାରୁ ହଜାର ହଜାର ଭକ୍ତ ଜଳ ଆଣି ଦେବ ଦେବ ମହାଦେବ ଙ୍କ ଠାରେ ପାଣି ଅର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ସ୍ୱେଚ୍ଛ ସେବୀ ସଂଗଠନ ପକ୍ଷରୁ କାଉଡ଼ିଆ ଙ୍କ ପାଇଁ ବିଭିନ୍ନ ପ୍ରକାରର ଖାଦ୍ୟ ପାନୀୟ ର ବ୍ୟବସ୍ଥା କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସ୍ୱେଚ୍ଛା ସେବୀ ଭାଇ ମାନେ ସ୍ୱାସ୍ଥ୍ୟ କୀଟ ଧରି କାଉଡିଆଙ୍କ ସାଙ୍ଗରେ ଚାଲିଥିଲେ। ତାହାରପୁର



ଗ୍ରାମ ର କିଛି ଯୁବକ ଓ ଅଞ୍ଚଳ ର ବଦାନ୍ୟ ବ୍ୟକ୍ତି ସହାୟତାରେ କସିପଦା ଶିବ ମନ୍ଦିର ଠାରେ ଚା, ବିସ୍କୁଟ , ପାଣି ବଣ୍ଟନ ର ବ୍ୟବସ୍ଥା କରାଯାଇଥିଲା ।

## ଭଦ୍ରକରେ ପ୍ରଥମ ଜିଲ୍ଲାସ୍ତରୀୟ ଲୋକ ଅଦାଲତ: ୩୯୦୩୬୮୧ ଟଙ୍କାରେ ୧୫ଟି ମୋକଦ୍ଦମା ଆପୋଷ ସମାଧାନ

ଭଦ୍ରକ , ୨୮/୭ (ନି.ପ୍ର): ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦେଶ କ୍ରମେ ପ୍ରଥମ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଭଦ୍ରକ ଜିଲ୍ଲା କୋର୍ଟ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି ଲୋକଅଦାଲତ କୁ ପରିଚାଳନା କରିଥିଲେ । ମୋଟ ୩୯,୦୩,୬୮୧ ଟଙ୍କାରେ ୧୫ ଟି ମୋକଦ୍ଦମା ର ଆପୋଷ ସମଧାନ ହୋଇଥିଲା । ଏହି ଲୋକ ଅଦାଲତରେ ୧୫ ଟି ଚେକ୍‌ବାଉନ୍ସ, ପୁନଃଉଦ୍ଧାର ମାମଲା ଗୁଡ଼ିକ ଆପୋଷ ବୁଝା ମଣା ମାଧ୍ୟମରେ ସମାଧାନ କରାଯାଇ ଅଛି ।




'ଧ୍ୱନି ପ୍ରତିଧ୍ୱନି' ର ବାର୍ଷିକ ଉତ୍ସବ ଅବସରରେ ସମସ୍ତଙ୍କ ପାଇଁ ମୋର ଶୁଭେଚ୍ଛା ଓ ଶୁଭକାମନା । ସମ୍ବାଦପତ୍ରଟି ଦୀର୍ଘାୟୁ ହେଉ, ଏତିକି କାମନା କରିବି ।



ସିତାଂଶୁ ଶେଖର ମହାପାତ୍ର
ବିଧାୟକ, ଭଦ୍ରକ



ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନିର ବାର୍ଷିକ ଉତ୍ସବରେ ମୁଁ ସମସ୍ତ ଭାଇ ଭଉଣୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ସୁଖ ଶାନ୍ତିରେ ରୁହନ୍ତୁ।

ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ
ବ୍ଲକ୍ ଅଧକ୍ଷ, ବାସୁଦେବପୁର, ଭଦ୍ରକ

## ବନ୍ୟା ପ୍ରଭାବିତ ଶ୍ରୀରାମପୁର ପଂଚାୟତର ଲୋକଙ୍କ ଅବସ୍ଥା ବୁଝିଲେ ସଦର ବିଧାୟକ ମାନସ ଦତ୍ତ

ବାଲେଶ୍ୱର, ୨୮/୭ (ନି.ପ୍ର): କ୍ରମାଗତ ଲଘୁଚାପ ଜନିତ ଲଗାଣ ବର୍ଷା, ବିଶେଷ କରି ମୟୁରଭଞ୍ଜ ଜିଲ୍ଲାର ଉପମୁଣ୍ଡାରେ ପ୍ରବଳ ବର୍ଷା ଯୋଗୁଁ ଜଳକା ନଦୀରେ ଚଳିତ ବର୍ଷର ଦ୍ୱିତୀୟ ବନ୍ୟା ଦେଖା ଦେଇଛି । ଏଥିରେ ବସ୍ତା ନିର୍ବାଚନମଣ୍ଡଳୀର ଏକାଧିକ ପଂଚାୟତ ପ୍ରଭାବିତ ହୋଇଥିବା ବେଳେ ସଦର ନିର୍ବାଚନମଣ୍ଡଳୀର ଶ୍ରୀରାମପୁର ପଂଚାୟତର ଅନେକ ଅଂଚଳ ପାଣିଘେରରେ ରହିଛି । ଏହି ପରିପ୍ରେକ୍ଷୀରେ ସଦର ବିଧାୟକ ମାନସ କୁମାର ଦତ୍ତ ଶ୍ରୀରାମପୁର ପଂଚାୟତରପ୍ରଭାବିତ ଅଂଚଳରେ ପହଂଚି ପାଣିଘେରରେ ଥିବା ଲୋକଙ୍କ ସମସ୍ୟା ବୁଝିବା ସହ ସେଗୁଡିକର ନିରାକରଣ ସମ୍ପର୍କରେ ପଦକ୍ଷେପ ନେଇଛନ୍ତି । ଏପରିକି ପାଣି ଭିତରେ ପଶି ଘରକୁ ଘର ଯାଇ ସେ ଲୋକଙ୍କ ଅସୁବିଧା ସମ୍ପର୍କରେ ଅବଗତ ହୋଇଛନ୍ତି । ଜଳକା ନଦୀର ଜଳସ୍ତର କମି ଯାଇଥିଲେ ବି ପଂଚାୟତର ଏକାଧିକ ରାସ୍ତାରେ ପାଣି ଚାଲୁଥିବାରୁ ଯାତାୟତ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ତେବେ ବନ୍ୟାଂଚଳରେ ବିପଦସଙ୍କୁଳ



ଅବସ୍ଥାରେ ଥିବା ପରିବାରଙ୍କୁ ତୁରନ୍ତ ବାତ୍ୟା ଆଶ୍ରୟ ସ୍ଥଳକୁ ନିଆଯାଇଥିବା ବେଳେ ସେମାନଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ପ୍ରଦାନ ପାଇଁ ବିଧାୟକ ଶ୍ରୀ ଦତ୍ତ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପୂର୍ଣ୍ଣ ବନ୍ୟା ପରିସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଲୋକଙ୍କ ପାଇଁ ସୁଷମ ରନ୍ଧା ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ବିଶେଷ କରି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖିବାକୁ ସେ ପରାମର୍ଶ ଦେଇଛନ୍ତି । ବନ୍ୟାରେ ଚାଷର ବ୍ୟାପକ କ୍ଷୟକ୍ଷତି ହୋଇଛି । ବନ୍ୟା ସମ୍ପୂର୍ଣ୍ଣ ଛାଡିବା ପରେ ଚାଷ କ୍ଷୟକ୍ଷତିର ଆକଳନ ହେବ । ସମସ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ନିୟମ ଭିତ୍ତିରେ କ୍ଷତିପୂରଣ ପ୍ରଦାନ ହେବ ବୋଲି ସେ କହିଛନ୍ତି । ତେଣୁ ଜନସାଧାରଣଙ୍କୁ ଆଦୌ ଭୟଭୀତ ନହୋଇ ପ୍ରଶାସନ ଦ୍ୱାରା ଜାରି ହେଉଥିବା ବନ୍ୟା ସତର୍କ ସୂଚନା ମାନିବାକୁ ବିଧାୟକ ଶ୍ରୀ ଦତ୍ତ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଏହି ଅବସରରେ ସଦର ବିଡିଓ ଉତ୍ତମ ଜେନା ଓ ତହସିଲଦାର ଙ୍କଦେବୀ ପ୍ରସନ୍ନ ସାରସ୍ୱତ ସମେତ ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତୀକ ପ୍ରଧାନ, ହରେନ୍ଦ୍ର ପ୍ରଧାନ, ଉମାକାନ୍ତ ପ୍ରଧାନ, ଚକ୍ରଧର ସେଠି, ସବ୍ୟସାଚୀ ପାଣି, ରଞ୍ଜିତ ସେଠି, ଦିଲୀପ ପରିଡା, ତପନ ବେହେରା, ଉମାକାନ୍ତ ଦାସ, ହର ବିଶ୍ୱାଳ, ବିକ୍ରମ ପାକଳ, ସଂଜୟ ଦାସ, ଅଶୋକ ଦାସ, ଅଶ୍ୱିନୀ ନାୟକ, ରମେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ବାମରା ବ୍ଲକ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୨୮/୭ (ନି.ପ୍ର): ଆଜି ବାମରା ବ୍ଲକ କାର୍ଯ୍ୟାଳୟ ପରିସରରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଏସ.ପିଙ୍କର ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ମୋଟ ୯୦ଟି ଆବେଦନ ଗ୍ରହଣ କରାଯାଇ ଥିଲା । ସେଥି ମଧ୍ୟରେ ୭୦ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୨୦ଟି ସମସ୍ୟା ଗ୍ରାମୀଣ ସମସ୍ୟା ସହିତ ଜଡିତ ଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida